ବର୍ଷ-୨୬, ସଂଖ୍ୟା-୧୪୮
ଭୁବନେଶ୍ୱର
୦୧, ଜୁନ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 148
Bhubaneswar
01, June, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# 'ମନ୍ କି ବାତ୍'ରେ ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବ ଚର୍ଚ୍ଚା

## ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୫(ମହାଭାରତ): ୧୩୪ ତମ୍ ମନ୍ କି ବାତ୍‌ରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମନ୍ କି ବାତ୍ କାର୍ଯ୍ୟକ୍ରମରେ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଓଡ଼ିଶାର ବେଲପଣା କଥା କହିଲେ ପ୍ରଧାନମନ୍ତ୍ରୀ । ଏହା ସହିତ ଓଡ଼ିଶାର ସୁବର୍ଣ୍ଣରେଖା ଆମ୍ବ କଥା ବି କହିଛନ୍ତି ।ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପେଟକୁ ଥଣ୍ଡା ରଖୁଥିବା ବେଲପଣା ପିଇବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ରାଜ୍ୟରେ ସ୍ୱସାଲ ପଣା ବିଷୟରେ କହି ଓଡ଼ିଶାର ସ୍ୱତନ୍ତ୍ର ବେଲପଣା ବାବଦରେ ଦେଶବାସୀଙ୍କୁ କହିଛନ୍ତି ପ୍ରଧାନମନ୍ତ୍ରୀ । ଓଡ଼ିଶାର ବେଲପଣା ଓ ସୁବର୍ଣ୍ଣରେଖା ଆମ୍ବକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ।

ମନ୍ କି ବାତ୍‌ରେ ଗ୍ରୀଷ୍ମ ପ୍ରବାହକୁ ନେଇ ମୋଦି କହିଛନ୍ତି, ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼, ତେବେ ସତର୍କ ରୁହନ୍ତୁ । ଦେଶର ଅଧିକାଂଶ ସ୍ଥାନରେ ବହୁତ ଗରମ। ପ୍ରବଳ ସୂର୍ଯ୍ୟତାପ, ଗରମ ପବନ, ଏପରି ପାଗରେ ନିଜର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ । ପାଣି ପିଅନ୍ତୁ । ଯଦି ଆପଣଙ୍କୁ ଖରାରେ ବାହାରକୁ ଯିବାକୁ ପଡ଼, ତେବେ ସତର୍କତାର ସହିତ ବାହାରକୁ ଯାଅ । ଏହି ଦିଗରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଭୁଲନ୍ତୁ ନାହିଁ । ଆମ ଦେଶରେ, ଗରମ ସହିତ ଲଢ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମଧ୍ୟ ମିଳିଥାଏ । ଆପଣ ଏହା ମଧ୍ୟ ଲକ୍ଷ୍ୟ କରିଥିବେ ଯେ ଗରମ ବଢ଼ିବା ସହିତ ରୋଷେଇ ଘରର ସ୍ୱାଦ ବଦଳିଯାଏ, ରୋଷେଇ



ଘରର ପ୍ରକାର ବଦଳିଯାଏ । କିଛି ସ୍ଥାନରେ ମାଟି ପାତ୍ରରୁ ପାଣି ବହିବାକୁ ଲାଗେ, କିଛି ସ୍ଥାନରେ ଦହି ପଡ଼ିବାକୁ ଲାଗେ, କିଛି ସ୍ଥାନରେ କଞ୍ଚା ଆମ୍ବ ଫୁଟିବାକୁ ଲାଗେ ଏବଂ ତା'ପରେ ସ୍ଥାନୀୟ ପାନୀୟର ଯୁଗ ଆରମ୍ଭ ହୁଏ । 'ବିଭିନ୍ନ ରାଜ୍ୟର ଦେଶୀ ପାନୀୟ ବିଷୟରେ କହିଲେ- ମନ୍ କି ବାତରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ, 'ଆପଣମାନେ ସ୍ଥାନୀୟ ପାନୀୟ ସହିତ ମଧ୍ୟ ପରିଚିତ, ଯଦି ଆପଣ ଉତ୍ତର ଭାରତ ଯାଆନ୍ତି, ତେବେ ଆପଣଙ୍କୁ ଅନେକ ସ୍ଥାନରେ ଆମ ପନ୍ନା, କଞ୍ଚା ଆମ୍ବ ସ୍ୱାଦ ଏବଂ ଗରମରୁ ମୁକ୍ତି ମିଳିବ। ଯଦି ଆପଣ ପଞ୍ଜାବ-ହରିଆଣା ଯାଆନ୍ତି, ତେବେ ଆପଣଙ୍କୁ ଲସି ମିଳିବ, ଏକ ବଡ଼ ଗ୍ଲାସରେ ଲସି । ରାଜସ୍ଥାନ ଏବଂ ଗୁଜରାଟରେ ବଟରମିଲ୍କ, ଏହା ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଯାଏ ଏବଂ ବିହାର, ଝାଡ଼ଖଣ୍ଡ, ପୂର୍ବ ଉତ୍ତର ପ୍ରଦେଶରେ ସତୂ ଶରବତ, ଏହା ବିଷୟରେ କଣ କହିବା, ଏହା ପେଟ ପୂରଣ କରେ ଏବଂ ଶକ୍ତି ମଧ୍ୟ ଦିଏ । କୋଙ୍କଣ ଏବଂ ଗୋଆରେ କୋକୁମ ଶରବତ, ସୋଲ କଢି । ଦକ୍ଷିଣ ଭାରତରେ ପନକମ୍, ନୀର ମୋର, ସାମ୍ବରମ୍ ଏବଂ ଓଡ଼ିଶାରେ ବେଲ୍ ପଣା, ଏଗୁଡ଼ିକ କେବଳ ପାନୀୟ ନୁହେଁ, ଏହା ଭାରତର ବିଭିନ୍ନ ଅଞ୍ଚଳର ପରମ୍ପରାର ଏକ ଅଂଶ ।'ମନ୍ କି ବାତରେ ଆମ୍ବ ବିଷୟରେ ଆଲୋଚନା- ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ପ୍ରତ୍ୟେକ ଘରେ ଆଲୋଚନାର ଆଉ ଏକ ବିଷୟ ଆରମ୍ଭ ହୁଏ ଏବଂ ତାହା ହେଉଛି ଆମ୍ବ। ଭାରତରେ ଏପରି କୌଣସି ଘର ନଥିବା ବେଳେ ଗ୍ରୀଷ୍ମ ଋତୁରେ ଆମ୍ବ ବିଷୟରେ ଆଲୋଚନା ହୁଏ । ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ଆମ୍ବ, ନିଜସ୍ୱ ସ୍ୱାଦ, ନିଜସ୍ୱ ସୁଗନ୍ଧ ଅଛି । ମହାରାଷ୍ଟ୍ର ଏବଂ କୋଙ୍କଣର ହାପୁସ୍, ଆଲଫୋନ୍‌ସୋ, ଗୁଜୁରାଟର କେଶର, ଏହା ଆମ୍ବ ରସର ଆତ୍ମା, ଉତ୍ତର ପ୍ରଦେଶର ଦଶହରୀ ଏବଂ ମୋର କାଶୀର ଲାଙ୍ଗରା ଓଡ଼ିଶାର ସୁବର୍ଣ୍ଣରେଖା।



ଆରସିବିକୁ ଚାମ୍ପିଅନ୍ କଲେ କୋହଲି

# ନୂଆଦିଲ୍ଲୀରେ ଭୁଶୁଡ଼ିଲା କୋଠା, ୬ ମୃତ

ନୂଆଦିଲ୍ଲୀ,୩୧।୫(ମହାଭାରତ): ଦକ୍ଷିଣ ଦିଲ୍ଲୀର ସାକେତ ମେଟ୍ରୋ ଷ୍ଟେସନ ନିକଟବର୍ତ୍ତୀ ସୈଦୁଲ୍ଲାଜାବ ଅଂଚଳରେ ଶନିବାର ସନ୍ଧ୍ୟାରେ ଏକ ଚାରି ମହଲା ବିଶିଷ୍ଟ ବାଣିଜ୍ୟିକ କୋଠା ହଠାତ୍ ଭୁଶୁଡ଼ି ପଡ଼ିଛି। ଦୁର୍ଘଟଣା ପରେ ଉକ୍ତ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା ଏବଂ ସେହି ଅଂଚଳକୁ ଘନ ଧୂଳି ଆଚ୍ଛାଦିତ କରିଥିଲା। କୋଠାର ଭଗ୍ନାବଶେଷ ସଂଲଗ୍ନ ଟିନ୍ ସେଡ୍ ଏବଂ ଆଖପାଖ ଢାଂଚା ତଳେ ଚାଲୁଥିବା ଏକ କ୍ୟାଂଟିନ୍ ଉପରେ ପଡ଼ିଥିଲା। ସେହି ସମୟରେ, କିଛି ଛାତ୍ର କ୍ୟାଂଟିନରେ ଖାଦ୍ୟ ଖାଉଥିଲେ, ଯାହା ସେମାନଙ୍କୁ ଭଗ୍ନାବଶେଷ ତଳେ ପୋତି ହୋଇ ରହିବାର ସମ୍ଭାବନା ସୃଷ୍ଟି କରିଥିଲା।ଏହି ଘଟଣାର ଖବର ପାଇବା ମାତ୍ରେ ଦିଲ୍ଲୀ ପୋଲିସ, ଦିଲ୍ଲୀ ଅଗ୍ନିଶମ ସେବା, ଏନଡିଆରଏଫ ଏବଂ ଅନ୍ୟାନ୍ୟ ରିଲିଫ ଏଜେନ୍ସିର ଦଳ ଘଟଣା ସ୍ଥଳରେ ପହଂଚିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚାଲିଥିବା ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ୧୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ବାହାର କରାଯାଇଥିବା ଦେଖିବାକୁ ମିଳିଥିବା ବେଳେ ଭଗ୍ନାବଶେଷରେ ଅନ୍ୟମାନେ ଫସି ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ସର୍ଚ୍ଚ ଅପରେସନ ଜାରି ରହିଥିଲା।ଚତୁର୍ଥ ମହଲାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା।ଅଗ୍ନିଶମ ଅଧିକାରୀଙ୍କ କହିବା ଅନୁଯାୟୀ, ସନ୍ଧ୍ୟା ୭ଟା ୪୪ ମିନିଟରେ କୋଠାଟି ଭୁଶୁଡ଼ି ପଡ଼ିଥିଲା। ସାତଟି ଅଗ୍ନିଶମ ଇଞ୍ଜିନକୁ ଘଟଣାସ୍ଥଳକୁ ପଠାଯାଇଥିଲା। ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସୈଦୁଲ୍ଲାଜାବର ପଂଚମ ଲେନରେ ଅବସ୍ଥିତ ଏହି କୋଠାର ଚତୁର୍ଥ ମହଲାରେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ରିଲିଫ୍ ଟିମ୍ ଘଟଣା ସ୍ଥଳରେ ପହଂଚିବା ବେଳକୁ, ସମଗ୍ର କୋଠାଟି କଂକ୍ରିଟ୍ ଭଗ୍ନାବଶେଷ, ବକ୍ର ସିଡ଼ି ଏବଂ ଭଙ୍ଗା ସ୍ତମ୍ଭର ଏକ ବିଶାଳ ରାଶିରେ ପରିଣତ ହୋଇଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ଏତେ ଆକସ୍ମିକ ଥିଲା ଯେ ଲୋକମାନେ ନିଜକୁ ବଂଚାଇବାକୁ ମଧ୍ୟ ସୁଯୋଗ ପାଇ ନଥିଲେ।

# ସୁରକ୍ଷାରେ ତ୍ରୁଟି ଥିବା ମାନିଲା ସିବିଏସ୍ଇ

ନୂଆଦିଲ୍ଲୀ୩୧।୫(ମହାଭାରତ): ଅନ୍‌ସ୍କ୍ରିନ ମାର୍କିଂ (ଓଏସ୍ଏମ୍)କୁ ନେଇ ବିବାଦ ଚାଲିଥିବାବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଶେଷରେ ନିରବତା ଭାଙ୍ଗିଛି। ଏକ୍‌ରେ ଏକ ବୟାନରେ ବୋର୍ଡ କହିଛି ଯେ, ଦୁଇଥର ହ୍ୟାକ୍ ହେବା ପରେ ସେମାନେ ଏହାର ସେବା ପ୍ରଦାନକାରୀଙ୍କ ଓଏସ୍ଏମ୍ ପୋର୍ଟାଲରେ ଚିହ୍ନଟ ହୋଇଥିବା ଦୁର୍ବଳତା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ସିବିଏସ୍ଇ ଏକ ସରକାରୀ ବିବୃତିରେ କହିଛି ଯେ, ବିଭିନ୍ନ ସରକାରୀ ଏଜେନ୍ସି ଓ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କର ଏକ ବିଶେଷଜ୍ଞ ଦଳ ଗତ କିଛିଦିନ ଧରି ସିଷ୍ଟମ୍‌ର ସୁରକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ବୋର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଦୁର୍ବଳତାକୁ ଏଡ଼ାଇବା ପାଇଁ ଉଦ୍ୟମ ଚାଲିଛି।

ପୋର୍ଟାଲକୁ ଅଧିକ ସୁରକ୍ଷିତ ସେଟ୍‌ଅପ୍‌କୁ ସ୍ଥାନାନ୍ତର କରାଯାଉଛି। ବୋର୍ଡ ସଚେତନ ନାଗରିକ ଓ ନୈତିକ ହ୍ୟାକରମାନଙ୍କୁ ଧନ୍ୟବାଦ ଦେଇଛି ଯେଉଁମାନେ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ଉପରେ ଏହାର ଦୃଷ୍ଟି ଆକର୍ଷଣ କରିଛନ୍ତି। ସିବିଏସ୍ଇ କହିଛି ଯେ ଏହା ଏହି ବ୍ୟକ୍ତିବିଶେଷଙ୍କ ମଧ୍ୟରୁ କେତେକଙ୍କ ସହ ସିଧାସଳଖ ଯୋଗାଯୋଗ କରିସାରିଛି ଏବଂ ସିଷ୍ଟମ୍‌ର ସୁରକ୍ଷାରେ ଉନ୍ନତି ଆଣିବାରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିଛି।

# ବଦଳିଲେ ବାରଙ୍ଗ ଥାନା ଆଇଆଇସି

ବାରଙ୍ଗ ,୩୧/୦୫(ମହାଭାରତ.): ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣା । ବଦଳିଲେ ବାରଙ୍ଗ ଥାନା ଆଇଆଇସି ନିରଞ୍ଜନ ବେହେରା। ବର୍ତ୍ତମାନ ବାରଙ୍ଗ ଥାନା ଆଇଆଇସି ଦାୟିତ୍ୱରେ ରହିବେ ପୁରୀଘାଟ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ। ସେପଟେ ଗୁରୁତର ଆହତ ରାକେଶ ବେହେରା ଓରଫ ମୁନା କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଛି । ରାକେଶଙ୍କ ଚେତା ଫେରିଥିବା ସୂଚନା ମିଳିଛି । ଡାକ୍ତରଙ୍କ କଥାର ଜବାବ ଦେଉଛନ୍ତି ରାକେଶ । ଗତକାଲି ପର୍ଯ୍ୟନ୍ତ ଚେତାଶୂନ୍ୟ ଥିଲେ ରାକେଶ । ତେବେ ଗତ ୧୬ ତାରିଖରେ ରାକେଶ ସ୍ତ୍ରୀ ନିଖୋଜ ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିବାକୁ ଆସିଥିଲେ। ୨୨ ତାରିଖରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ମୃତଦେହ ଚିହ୍ନଟ ପାଇଁ ପୁଲିସ ରାକେଶଙ୍କୁ ଥାନାକୁ ଡାକିଥିଲା। ହେଲେ ମୃତଦେହ ସ୍ତ୍ରୀଙ୍କ ନୁହେଁ ବୋଲି କହିବା ପରେ ରାକେଶଙ୍କୁ ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

# ଟିଏମ୍‌ସିର ଆଉ ଜଣେ ସାଂସଦଙ୍କୁ ଆକ୍ରମଣ

କୋଲକାତ,୩୧।୫(ମହାଭାରତ): ଗତକାଲି ତୃଣମୂଳ କଂଗ୍ରେସର ସାଂସଦ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ହୋଇଥିବା ବେଳେ ଆଜି ଦଳର ଆଉ ଜଣେ ସାଂସଦଙ୍କ ଉପରେ ହୋଇଛି ଆକ୍ରମଣ। ତାଙ୍କ ନାଁ କଲ୍ୟାଣ ବାନାର୍ଜୀ। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି।

ହୁଗଲୀ ଜିଲ୍ଲା ଚଣ୍ଡିତଲା ଥାନା ସମ୍ମୁଖରେ ଏହି ଘଟଣା ଘଟିଛି। ଏହି ଅଞ୍ଚଳଟି କଲ୍ୟାଣ ବାନାର୍ଜୀଙ୍କ ନିର୍ବାଚନ ମଣ୍ଡଳୀ ଶ୍ରୀରାମପୁର ଅଧୀନରେ ଥିବା ବେଳେ ଏଠାରେ ନିର୍ବାଚନ ପରେ ଘଟିଥିବା ହିଂସା ନେଇ ଏକ ସ୍ମାରକପତ୍ର ଦେବାକୁ ସେ ଥାନାକୁ ଯାଉଥିଲେ। ସେହି ସମୟରେ କିଛି ଲୋକ ତାଙ୍କ ବିରୋଧରେ ନାରା ଦେଇଥିଲେ ଓ ତାଙ୍କ ବାଟ ଓଗାଳିବାକୁ ପ୍ରୟାସ କରିଥିଲେ। ତେବେ ପୁଲିସ ସେମାନଙ୍କୁ ବାଧା ଦେଇଥିଲା। ସେହି ଠେଲାପେଲା ଭିତରେ ସାଂସଦ କଲ୍ୟାଣ ବାନାର୍ଜୀ ଚାଲି ଚାଲି ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ କେହି ଜଣେ ପଛପଟୁ ତାଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଏହା ପରେ ସେ ରାସ୍ତା ଉପରେ ଶୋଇପଡିଥିଲେ।



ସାଂସଦ ଶ୍ରୀ ବାନାର୍ଜୀଙ୍କ ଉପରେ ଆକ୍ରମଣ ପରେ ଦଳୀୟ କର୍ମକର୍ତ୍ତାମାନେ ଚଣ୍ଡିତଲା ଥାନା ସମ୍ମୁଖରେ ଏକତ୍ର ହୋଇ ଧାରଣାରେ ବସିଥିଲେ ଓ ନାରା ଦେଇଥିଲେ।

ଏହି ଘଟଣା ପରେ ସାଂସଦ ଶ୍ରୀ ବାନାର୍ଜୀ ଗଣମାଧ୍ୟମକୁ କହିଥିଲେ, ମୁଁ ଏଠାକୁ ଏକୁଟିଆ ଆସିଥିଲି। ମୋ ସହିତ କେହି ନଥିଲେ। ବିଜେପି କର୍ମୀମାନେ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଏକ କ୍ରିକେଟ୍ ବଲ୍‌ରେ ମୋ ମୁଣ୍ଡକୁ ଆଘାତ ଦେଇଥିଲେ। ମୋ ମୁଣ୍ଡରୁ ରକ୍ତ ବାହାରିଥିଲା। ଏବେ ସାଂସଦମାନଙ୍କୁ ଆକ୍ରମଣ କରାଯାଉଥିବା ବେଳେ ଲୋକେ ନିଷ୍ପତ୍ତି ନିଅନ୍ତୁ ଯେ ଏହା ଠିକ୍ ନା ଭୁଲ।

ଗତକାଲି ତୃଣମୂଳ କଂଗ୍ରେସର ଜାତୀୟ ସାଧାରଣ ସଂପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀ ଦକ୍ଷିଣ ୨୪ ପରଗଣା ଜିଲ୍ଲାର ସୋନାରପୁର ଗସ୍ତରେ ଯାଇଥିବା ବେଳେ ବିକ୍ଷୋଭକାରୀମାନେ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ତାଙ୍କ ଉପରକୁ ଅଣ୍ଡା ଓ ପଥର ମାଡ କରାଯାଇଥିଲା। ତା'ସହିତ ତାଙ୍କ ସହିତ ମାରପିଟ କରାଯାଇଥିଲା।

# ଖୁବ୍‌ଶୀଘ୍ର ତୁଟିବ ମହାନଦୀ ଜଳ କଳି

## ୧୫ ପ୍ରସଙ୍ଗ ମଧ୍ୟରୁ ୧୨ରେ ସହମତି, ଜୁନ୍ ୬ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୩୧।୫(ମହାଭାରତ): ମହାନଦୀ ଜଳ ବିବାଦ ନେଇ ଓଡ଼ିଶା ଓ ଛତିଶଗଡ ମଧ୍ୟରେ ସହମତି ବୃଦ୍ଧି ପାଇବାରେ ଲାଗିଛି । ଦୁଇ ରାଜ୍ୟ ମହାନଦୀ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରିଥିବା ୧୫ଟି ପ୍ରସଙ୍ଗ ମଧ୍ୟରୁ ୧୨ଟିରେ ମତଭେଦ ଦୂର କରିପାରିଛନ୍ତି । ଶନିବାର ଶୁଣାଣି ବେଳେ ସେମାନେ ଏହା ମହାନଦୀ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଇଛନ୍ତି । ଫଳରେ ବର୍ଷ ବର୍ଷ ଧରି ପଡିରହିଥିବା ଏହି ବିବାଦ ଆପୋସ ସମାଧାନ ଆଡକୁ ଗତିକରୁଥିବା ଦେଖିବାକୁ ମିଳିଛି ।ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ବେଲା ଏନ୍ ତ୍ରିବେଦି ଓ ଅନ୍ୟ ଦୁଇ ଜଣ ସଦସ୍ୟଙ୍କ ନିକଟରେ ଶୁଣାଣି ସମୟରେ ଓଡିଶାର ଆଡଭୋକେଟ ଜେନେରାଲ (ଏଜି) ପିତାମ୍ବର ଆଚାର୍ଯ୍ୟ ଓ ଛତିଶଗଡ ସରକାରଙ୍କ ଏଜି ବିବେକ ଶର୍ମା କହିଥିଲେ ଯେ, ଦୁଇ ରାଜ୍ୟଙ୍କ ବିଭିନ୍ନ ଟିମ୍ ମଧ୍ୟରେ କଥାବାର୍ତ୍ତା ଚାଲିଛି । ଅବଶିଷ୍ଟ ପ୍ରସଙ୍ଗରେ କିଭଳି ସହମତି ପ୍ରକାଶ ପାଇବ ତାର ରାସ୍ତା ବାହାର କରିବାକୁ ଟ୍ରିବ୍ୟୁନାଲ୍ ପରାମର୍ଶ ଦେଇଥିଲେ । ଏହାପରେ ଶୁଣାଣି ଜୁନ୍ ୬ରେ କରିବାକୁ ଧାର୍ଯ୍ୟ ହୋଇଥିଲା ।

ଶନିବାର ଶୁଣାଣି ଶେଷ ପରେ ଓଡିଶା ଏଜି ପିତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ ଯେ, ପୂର୍ବରୁ ଶୁଣାଣି ପାଇଁ



ଲମ୍ବାଲମ୍ବା ତାରିଖ ମିଳୁଥିଲା । ଏବେ ପାଖାପାଖି ତାରିଖ ମିଳୁଥିବାରୁ ଏହି ବିବାଦ ସମାଧାନ ଆଡକୁ ଗତିକରୁଥିବା ଅନୁଭବ କରାଯାଉଛି । ଉଭୟ ରାଜ୍ୟ ଆପୋସ ଆଲୋଚନା ପାଇଁ ରାଜି ହେବାରୁ ଜଟିଳ ବିବାଦୀୟ ପ୍ରସଙ୍ଗର ସମାଧାନ କରାଯାଇପାରୁଛି । ମୁଁ ଆଶାବାଦୀ ଯେ, ମହାନଦୀ ଜଳ ବିବାଦର ଖୁବ୍‌ଶୀଘ୍ର ସମାଧାନ ହେବ

# ଓଡ଼ିଶାରେ ରେକର୍ଡ ନିଶାଡ଼ି

ଭୁବନେଶ୍ୱର,୩୧।୫(ମହାଭାରତ): ଓଡିଶାରେ ନିଶାଡିଙ୍କ ହାର ଅନ୍ୟ ବହୁ ରାଜ୍ୟ ଠାରୁ ଆଗରେ । ମଦ ପିଇବା ହେଉ କିମ୍ବା ତମାଖୁ ସେବନ କରିବା ହେଉ ଓଡିଶା ଲୋକମାନେ ରେକର୍ଡ କରିଛନ୍ତି । ଏମିତିକି ଦିଲ୍ଲୀ, ଜାମ୍ମୁ-କାଶ୍ମୀର, ଗୁଜରାଟ, ବିହାର, ଆନ୍ଧ୍ରପ୍ରଦେଶ, ଆସାମ, ପଞ୍ଜାବ, ହରିଆନା, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟର ନିଶା ସେବନକାରୀଙ୍କୁ ପଛରେ ପକାଇ ଦେଇଛନ୍ତି ।

ସଦ୍ୟ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୬ ରିପୋର୍ଟରୁ ଜଣାଯାଇଛି ଯେ ୧୫ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ଭିତରୁ ଦେଶରେ ୧୮.୯% ପୁରୁଷ ଓ ୧.୧% ମହିଳା ଆଲ୍‌କହଲ୍ ସେବନ କରୁଥିବାବେଳେ ୩୬.୩% ପୁରୁଷ ଓ ୮.୪ % ମହିଳା ତମାଖୁ ସେବନ କରୁଛନ୍ତି । ଏହି ରିପୋର୍ଟରେ ସମସ୍ତଙ୍କୁ ଚମକାଇ ଦେବା ଭଳି ତଥ୍ୟ ଓଡିଶାର ଏ କ୍ଷେତ୍ରରେ ରହିଛି । ଏହି ବୟସର ୨୬.୮% ପୁରୁଷ ଓ ୩.୧% ମହିଳା ଓଡିଶାରେ ଆଲ୍‌କହଲ୍ ସେବନ କରୁଥିବାବେଳେ ୪୮.୩% ପୁରୁଷ ଓ ୨୨.୮% ମହିଳା ତମାଖୁ ସେବନ କରୁଛନ୍ତି ।

ଓଡିଶାରେ ପୁରୁଷମାନଙ୍କ ଭିତରୁ ୨୬.୮% ଆଲ୍‌କହଲ୍ ସେବନ କରୁଥିବାବେଳେ ଗୁଜରାଟରେ ମାତ୍ର ୫.୨% ଓ ବିହାରରେ ୧୬.୫% ତଥାପି ବି ଆଲ୍‌କହଲ୍ ସେବନ କରୁଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ଏ ଦୁଇଟି ରାଜ୍ୟର ସରକାର ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ



କରି ଅବକାରୀ ରାଜସ୍ୱକୁ ଛି କରିଦେଇଛନ୍ତି । ନିଶା ନିବାରଣ ପୂର୍ବରୁ ଏହି ଦୁଇ ରାଜ୍ୟରେ ବି ମଦୁଆଙ୍କ ହାର ଢେର ଅଧିକ ରହୁଥିଲା ଏବଂ ସେହି ଅନୁପାତରେ ବିଭିନ୍ନ କିସମର ଅପରାଧ, ରୋଗବ୍ୟାଧି, ଦୁର୍ଘଟଣା ଆଦି ବି ବୃଥିଲା ।

ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ମୁତାବକ କର୍ଣ୍ଣାଟକରେ ୧୫.୬% ପୁରୁଷ ଆଲ୍‌କହଲ୍ ସେବନ କରୁଥିବାବେଳେ ମହାରାଷ୍ଟ୍ରରେ ୧୨.୨, ପଞ୍ଜାବରେ ୨୨.୯, ରାଜସ୍ଥାନରେ ୧୦.୭, ଆନ୍ଧ୍ରରେ ୨୩.୩, ତାମିଲନାଡୁରେ ୨୩.୫, ଉତ୍ତରପ୍ରଦେଶରେ ୧୮.୭, ପଶ୍ଚିମବଙ୍ଗରେ ୧୬, ଦିଲ୍ଲୀରେ ୧୬.୧ ପ୍ରତିଶତ ପୁରୁଷ ଆଲ୍‌କହଲ୍ ସେବନ କରିଥାନ୍ତି । ଏହି ରାଜ୍ୟଗୁଡିକରେ ମହିଳାମାନଙ୍କ ଆଲ୍‌କହଲ୍ ସେବନ ହାର ଢେର କମ୍ । ଏମିତିକି କେତେକ ରାଜ୍ୟରେ ଏହା ୧% ରୁ ବି କମ୍ ରହୁଛି ।

ତମାଖୁ ସେବନ କ୍ଷେତ୍ରରେ ଓଡିଶା ଜାତୀୟ ହାରଠାରୁ ଢେର ଆଗରେ ରହିଛି । ଏ କ୍ଷେତ୍ରରେ ଓଡିଶା ମଧ୍ୟ ବିହାର, ଗୁଜରାଟ, କେରଳ, ମହାରାଷ୍ଟ୍ର, ପଞ୍ଜାବ, ହରିଆନା, ତାମିଲନାଡୁ, ତେଲେଙ୍ଗାନା ଆଦି ରାଜ୍ୟକୁ ବହୁ ପଛରେ ପକାଇଥିବା ଉକ୍ତ ରିପୋର୍ଟରେ ତଥ୍ୟରୁ ଜଳଜଳ ହୋଇ ଦିଶୁଛି । ଓଡିଶାରେ ଗୁଟ୍‌ଖା ଓ ନିକୋଟିନ୍ ଯୁକ୍ତ ପାନ ମସଲାର ଉତ୍ପାଦନ, ବିପଣନ, ପରିବହନ ଓ ବ୍ୟବହାର ଉପରେ ବାରମ୍ବାର ନିଷେଧାଦେଶ ଜାରି କରାଯାଇଛି । ଏହା ସତ୍ତ୍ୱେ ବି ରାଜ୍ୟରେ ତମାଖୁ ସେବନ କମିବା ପରିବର୍ତ୍ତେ ବଢି ଚାଲିଛି ।

# ଶିବକୁମାର ହେବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ

ବେଙ୍ଗାଲୁରୁ,୩୧।୫(ମହାଭାରତ) ଡି.କେ ଶିବକୁମାର ରବିବାର ସର୍ବସମ୍ମତିକ୍ରମେ କର୍ଣ୍ଣାଟକା କଂଗ୍ରେସ ବିଧାୟକ ଦଳର ନୂଆ ନେତା ନିର୍ବାଚିତ ହୋଇଥିବା ବେଳେ ଜୁନ୍ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ।ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ସରକାର ଗଠନ ପାଇଁ ସେ ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇଥିଲେ। ରାଜ୍ୟପାଳ ତାଙ୍କ ଦାବିକୁ ଗ୍ରହଣ କରି ତାଙ୍କୁ କର୍ଣ୍ଣାଟକାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ନିମନ୍ତ୍ରଣ କରିଛନ୍ତି। ଜୁନ୍ ୩ ତାରିଖ ଅପରାହ୍ନ ୪ଟା ୫ ମିନିଟ୍‌ରେ ଲୋକ ଭବନ ପରିସରରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ।



ବେଙ୍ଗାଲୁରୁରରେ କର୍ଣ୍ଣାଟକା ବିଧାନ ସୌଧରେ ଆଜି କଂଗ୍ରେସ ବିଧାୟକ ଦଳର ବୈଠକ ବସିଥିଲା। ସେଥିରେ ବିଧାୟକ ଦଳର ନୂଆ ନେତା ଭାବେ ଡି.କେ ଶିବକୁମାରଙ୍କ ନାଁ ପ୍ରସ୍ତାବ ଦେଇଥିଲେ ବିଦାୟୀ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। ବରିଷ୍ଠ ବିଧାୟକ ଜି. ପରମେଶ୍ୱର ଏହାକୁ ସମର୍ଥନ କରିଥିଲେ। ତା'ପରେ ସେ ସର୍ବସମ୍ମତିକ୍ରମେ ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଭାବେ ସିଦ୍ଧରମୈୟାଙ୍କ ଗତ ୩ ବର୍ଷର କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ ।କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ମେ' ୨୮ ତାରିଖରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ରାଜ୍ୟପାଳ ତାଙ୍କ ଇସ୍ତଫାକୁ ଗ୍ରହଣ କରି ମନ୍ତ୍ରିମଣ୍ଡଳକୁ ଭଙ୍ଗ କରିଥିଲେ। ତା'ସହିତ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ସିଦ୍ଧରମୈୟାଙ୍କୁ କହିଥିଲେ।

ଶିବକୁମାର ଦେଶର ଜଣେ ଚର୍ଚ୍ଚିତ ରାଜନେତା। ସିଦ୍ଧରମୈୟାଙ୍କ ସରକାରରେ ସେ ଉପ-ମୁଖ୍ୟମନ୍ତ୍ରୀ ରହିଥିଲେ। ମୁଖ୍ୟମନ୍ତ୍ରୀ ପଦ ପାଇଁ ସିଦ୍ଧରମୈୟା ଓ ଶିବକୁମାରଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା। ଏ ଟଣାଓଟରା ୩ ବର୍ଷ ତଳେ କର୍ଣ୍ଣାଟକା ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରଠାରୁ ଆରମ୍ଭ ହୋଇଯାଇଥିଲା। ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ଭାବେ ଅଢ଼ଇ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ପୁଣି ଥରେ ଏହି ପଦକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଥିଲେ। ଶେଷରେ ସିଦ୍ଧରମୈୟା ୩ ବର୍ଷ ୮ ଦିନ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ଇସ୍ତଫା ଦେଇଛନ୍ତି। ଫଳରେ ଶିବକୁମାରଙ୍କ ରାସ୍ତା ସଫା ହୋଇଯାଇଥିଲା।

## ଚିଙ୍ଗୁଡ଼ି ଡାଲମା



ଆବଶ୍ୟକୀୟ ସାମଗ୍ରୀ : ହରଡ଼ ଡାଲି, ଛୋଟ ଚିଙ୍ଗୁଡ଼ି, ବୋଇତାଳୁ (ବୋଇତି କଖାରୁ), କଞ୍ଚା କଦଳୀ, ଆଳୁ, ଫୁଲ କୋବି, ଟମାଟୋ, ପିଆଜ୍, ରସୁଣ, ଅଦା, ପଞ୍ଚଫୁଟଣ, ଶୁଖିଲା ଲଙ୍କା, ଅଳେଇଚ, ଡାଲଚିନି, ତେଜ ପତ୍ର, ଗୋଟା ଜିରା, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ତେଲ, ଧଣିଆ ପତ୍ର, ଲୁଣ

ପ୍ରସ୍ତୁତି ପ୍ରଣାଳୀ : ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ ଏଥିରେ ଲୁଣ ଓ ହଳଦୀ ଦେଇ ଗୋଳେଇ ଦିଅନ୍ତୁ ଏବଂ ଏହାକୁ କିଛି ସମୟ ସେମିତି ଛାଡ଼ି ଦିଅନ୍ତୁ। ତା'ଭିତରେ ଡାଲମା ପାଇଁ ଆବଶ୍ୟକ ପରିବା କାଟି ଦିଅନ୍ତୁ। ପରିବା କଟା ସରିବା ପରେ ଚିଙ୍ଗୁଡ଼ିକୁ କଡ଼େଇରେ ଭାଜି ଦିଅନ୍ତ। ଏ କାମ ସରିବା ପରେ ପ୍ରେସର କୁକରରେ ଆବଶ୍ୟକ ଅନୁସାରେ ପାଣି ଦେଇ ସେଥିରେ ଡାଲି, କଟା ଫୁଲ କୋବି, ବୋଇତି କଖାରୁ, ଆଳୁ, ଟମାଟୋ, କଞ୍ଚା କଦଳୀ, ଲୁଣ ଓ ହଳଦୀ ଦେଇ ଗ୍ୟାସ୍ ଚୁଲିରେ ବସାନ୍ତୁ। ତିନୋଟି ସିଟି ମାରିଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପିଆଜ, ଅଦା, ରସୁଣ, ଶୁଖିଲା ଲଙ୍କା, ଡାଲଚିନି ଆଉ ଅଳେଇଚକୁ ବାଟି ପେଷ୍ଟ ବନାନ୍ତୁ। ଏହା ପରେ କଡ଼େଇକୁ ଚୁଲିରେ ବସାନ୍ତୁ। ଏଥିରେ ତେଲ ପକାନ୍ତୁ। ତେଲ ଗରମ ହୋଇ ଆସିଲେ ତେଜ ପତ୍ର ଓ ଫୁଟଣ ପକାନ୍ତୁ। ଏହା ପରେ ମସଲା ପେଷ୍ଟ ପକାଇ କଷନ୍ତୁ। ଅଳ୍ପ ସମୟ ପରେ ଏଥିରେ ଛୋଟ ଛୋଟ କରି କଟାଯାଇଥିବା ଟମାଟୋ ଖଣ୍ଡଗୁଡ଼ିକୁ ପକାନ୍ତୁ। ଅଳ୍ପ କଷି ସାରିଲା ପରେ ଭଜା ଚିଙ୍ଗୁଡ଼ିକୁ ସେଥିରେ ପକାନ୍ତୁ ଓ ଦୁଇରୁ ତିନି ମିନିଟ୍ କଷନ୍ତୁ। ପରେ କୁକରରେ ଥିବା ଡାଲି ଓ ପରିବା ସିଝାକୁ କଡ଼େଇ ପକାଇ ୧୦ ମିନିଟ୍ ଫୁଟାନ୍ତୁ। ଶେଷରେ ଧନିଆ ପତ୍ର ଓ ଜିରା-ଲଙ୍କା ଗୁଣ୍ଡ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଡାଲମା।

ଖବର


# ରିଲିଜ ହେଲା କାଳା ହରିଣ ଫିଲ୍ମର ପ୍ରଥମ ପୋଷ୍ଟର



ସଲମାନ ଖାନ କୃଷ୍ଣସାର ମୃଗ ଶିକାରକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ଯାହାକୁ ନେଇ କିଛିଦିନ ହେଲାଣି, ତାଙ୍କ ସୁରକ୍ଷା ବଢାଇ ଦିଆଯାଇଥିଲା । ଲଗାତାର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ଧମକ ମିଳୁଛି । ସଲମାନଙ୍କ ଘର ବାହାରେ ମଧ ଫାୟାରିଂ ହୋଇସାରିଛି ।ଏବେ ଏହାକୁ ନେଇ ଫିଲ୍ମ ତିଆରି କରାଯାଉଛି । ଉଦୟପୁର ଫାଇଲ୍ସ ତିଆରି କରିଥିବା ଅମିତ ଜାନୀ ଫିଲ୍ମର ଘୋଷଣା କରିଛନ୍ତି । ଏହାର ପ୍ରଥମ ପୋଷ୍ଟର ରିଲିଜ ହୋଇଛି । ଜାନି ଫାୟାରଫକ୍ସ ଫିଲ୍ମ 'କାଳା ହିରଣ' ଦ ବ୍ୟାଟେଲ ଫର ଲିଗେସୀ' ଘୋଷଣା କରିଛନ୍ତି। ଯାହାର ପ୍ରଥମ ପୋଷ୍ଟର ସହିତ ଟିଜର ଘୋଷଣା ତାରିଖ ସାମ୍ନାକୁ ଆସିଛି ।ଅମିତ ଜାନି ଏକ୍ସରେ ଏକ ଟ୍ୱିଟ୍ କରିଛନ୍ତି, ଯେଉଁଥିରେ ସେ ଫିଲ୍ମ ବିଷୟରେ କହିଛନ୍ତି ।'କାଳା ହିରଣ' ଦ ବ୍ୟାଟେଲ ଫର ଲିଗେସୀ'ର ଟିଜର ଜୁନ୍ ୨୦ ତାରିଖରେ ରିଲିଜ ହେବ । ଏହା ପ୍ରକ୍ତ ଦୁନିଆର ଆଇନଗତ ଲଢେଇ ଏବଂ ଆକ୍ସନ ଉପରେ ଦମଦାର କାହାଣୀ । ଏହି ନୂଆ ପୋଷ୍ଟରେ ଦର୍ଶକଙ୍କୁ ଅନ୍ଧାର, ରହସ୍ୟପୂର୍ଣ୍ଣ ସିନେମା ଦୁନିଆ ଦେଖିବାକୁ ମିଳିବ । ଏହାକୁ ଭାରତ ଏସ୍ ଶ୍ରୀନେଟ ନିର୍ଦ୍ଦେଶନ ଦେଉଛନ୍ତି । ଅମିତ ଜାନି ଫିଲ୍ମର ପ୍ରଯୋଜକ ରହିଛନ୍ତି । ଏହି ପୋଷ୍ଟରେ ରେଡ୍ ଏବଂ ବ୍ଲୁ କଲରର ଜଣେ ପୁରୁଷ ଦେଖିବାକୁ ମିଳୁଛନ୍ତି, ଯିଏ ସଲମାନ ଖାନଙ୍କ ଭଳି ଦେଖିବାକୁ ।ପୋଷ୍ଟରରେ ସବୁଠୁ ଉପରେ କୋର୍ଟଙ୍କ ଫ୍ରେମ୍ ରହିଛି । ଏହାପରେ ଅଭିନେତାଙ୍କ ହାତରେ ସ୍ନାଇପର ରାଇଫଲ ଦେଖିବାକୁ ମିଳିଛି। ଯିଏ ଶିକାର କରୁଥିବାର ନଜର ଆସିଛନ୍ତି । ଏହାର ବ୍ୟାକଗ୍ରାଉଣ୍ଡରେ ପୁରା ପୋଷ୍ଟର ଦେଖିବାକୁ ମିଳିଛି । ଫିଲ୍ମର ସୁଟିଂ ସମ୍ଭଲ, ମୁରାଦାବାଦରେ କରାଯାଇଛି ।

## ଘରର ମାର୍ବଲ୍ ଚଟାଣ କଳା ପଡୁଥିଲେ, ଆପଣାନ୍ତୁ ଏସବୁ ଉପାୟ

ଘର ତିଆରି ସମୟରେ ସମସ୍ତେ ମାର୍ବଲ କିମ୍ବା ଟାଇଲ ପକାଇବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ଚଟାଣରେ ପଡିଥିବା ସୁନ୍ଦର ସୁନ୍ଦରର ମାର୍ବଲ ଘରର ସୌନ୍ଦର୍ଯ୍ୟକୁ ଆହୁରି ବି ବଢାଇଦିଏ । ଏହାସହ ନିୟମିତ ବ୍ୟବଧାନରେ ଏହାକୁ ସଫା ନକଲେ, ଏହା ହଳଦିଆ ଓ କଳା ପଡିଯାଇଥାଏ । ଯାହା କି ଅସୁନ୍ଦର ଦେଖାଦେଇଥାଏ। ତେବେ ଏଥିପାଇଁ ଯଦି ଆପଣ ଚିନ୍ତା କରୁଛନ୍ତି, ତେବେ ଆମେ ଆଜି ଆପଣଙ୍କୁ ମାର୍ବଲ ଚଟାଣ ସଫା କରିବା ପାଇଁ କିଛି ଟିପ୍ସ କହିବୁ । ଯାହାକୁ ପ୍ରୟୋଗ କରିବା ପରେ ଆପଣଙ୍କ ଘରର ମାର୍ବଲ ପୂର୍ବ ପରି ଚକଚକ୍ କରିପାରିବେ।



ଆସନ୍ତୁ ଜାଣିବା ମାର୍ବଲ୍ ସଫା କରିବା ପାଇଁ କିଛି ଘରୋଇ ଟିପ୍ସ ।

ପ୍ରତ୍ୟେକ ଦିନ ଗରମ ପାଣିରେ ମାର୍ବଲ ଚଟାଣକୁ ପୋଛା ଲଗାନ୍ତୁ । ଏହାଦ୍ୱାରା ମାର୍ବଲ ଉପରେ ଜମିଥିବା ମଇଳା ସଫା ହୋଇଯିବ ।

ଡାର୍ବଲ ସଫା କରିବା ସମୟରେ ଯଦି କୌଣସି କ୍ଲିନର ବ୍ୟବହାର କରୁଥିଲେ ଏହାର ପିଏଚ ସାତରୁ ଅଧିକ ରଖନ୍ତୁ ନାହିଁ।

ଭିନେଗାର କିମ୍ବା ଲେମ୍ବୁ ଭଳି ଅମ୍ଳ ଜାତୀୟ ଜିନିଷ ବ୍ୟବହାର କରି ମାର୍ବଲ କେବେ ବି ସଫା କରନ୍ତୁ ନାହିଁ । ଏହାଦ୍ୱାରା ଚଟାଣରେ ଦାଗ ପଡିଯାଏ ।

ଚଟାଣରେ ଲାଗିଥିବା ଅପରିଷ୍କାର ଜିନିଷକୁ ନରମ କପଡା କିମ୍ବା ସ୍ପଞ୍ଜ ସହାୟତାରେ ସଫା କରନ୍ତୁ । ମାର୍ବଲ ପଥର ବହୁତ ନରମ ହୋଇଥାଏ ।

ରୁହା ବ୍ରସ ସହାୟତାରେ ଏହାକୁ ସଫା କଲେ ମାର୍ବଲ ଉପରେ ଦାଗ ପଡିପାରେ କିମ୍ବା ଆବଡା ଖାବଡା ହୋଇପାରେ ।

ଖାଇବା ସୋଡା ବ୍ୟବହାର କରି ମାର୍ବଲ ଚଟାଣକୁ ସହଜରେ ସଫା କରିପାରିବେ । ଏପରି କଲେ ସହଜରେ ମାର୍ବଲରୁ ଦାଗ ଛାଡିଯାଏ ।

## ଏହି ଗଛ ଲଗାଇଲେ ଘରୁ ଦୂର ହୋଇଥାଏ ବାସ୍ତୁଦୋଷ

ଘରେ ବାସ୍ତୁ ଦୋଷ ଦୂର କରିବା ପାଇଁ ସମସ୍ତେ ପୂଜା ପାଠ ଉପରେ ବିଶ୍ୱାସ କରିଥାନ୍ତି। କ'ଣ ଆପଣ ଜାଣିଛନ୍ତି କି ଘରେ ଗଛ ଲଗାଇବା ଦ୍ୱାରା ମଧ୍ୟ ବାସ୍ତୁ ଦୋଷ ଦୂର ହୋଇଥାଏ। କୁହାଯାଏ ଯେ,ଏମିତି କିଛି ଗଛ ରହିଛି ଯାହାକୁ ଲଗାଇବା ଦ୍ୱାରା ଘରେ ସକରାତ୍ମକ ପ୍ରଭାବ ପଡିଥାଏ । ତାହେଲେ ଜାଣନ୍ତୁ ଘରେ କେଉଁ ସବୁ ଗଛ ଲଗାଇଲେ ବାସ୍ତୁଦୋଷ ଦୂର ହୋଇଥାଏ।



ଅଶୋକ ଗଛ : ଘର ପାଖରେ ଅଶୋକ ଗଛ ଲଗାଇବା ଦ୍ୱାରା ବହୁ ଅଶୁଭ ଶକ୍ତିର ବିନାଶ ଘଟିଥାଏ । ଏହା ଘର ପାଇଁ ଶୁଭ ହୋଇଥାଏ । ଅଶ୍ୱଗନ୍ଧା : ଅଶ୍ୱଗନ୍ଧା ଗଛକୁ ଏକ ପ୍ରକାର ଔଷଧ ଭାବେ ମଧ୍ୟ ବ୍ୟବହାର କରାଯାଏ। ବାସ୍ତୁ ଅନୁସାରେ ଘରର ସୀମାରେ ଅଶ୍ୱଗନ୍ଧା ଗଛ ଲଗାଇଲେ ତାହା ଘର ପାଇଁ ଶୁଭ ହୋଇଥାଏ । ଏହା ଦ୍ୱାରା ଘରର ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। ନଡିଆ : ନଡିଆ ଗଛ ଘର ପାଖରେ ରହିଲେ ବହୁତ ଶୁଭ ହୋଇଥାଏ । ପରିବାର ସଦସ୍ୟଙ୍କ ମାନ ସମ୍ମାନ ବୃଦ୍ଧି ହେବା ସହ ଉନ୍ନତି ମଧ୍ୟ ହୋଇଥାଏ। ଡାଳିମ୍ବ ଗଛ : ବାସ୍ତୁବିତ୍ ମାନଙ୍କ ମତରେ ଏହି ଗଛ ସଠିକ୍ ଦିଗରେ ଲଗାଇଲେ ଏହା ଶୁଭ ମାନା ଯାଇଥାଏ । ଜାମୁ ଗଛ : ଜାମୁ ଗଛ ଘର ପାଖରେ ଲଗାଇବା ଶୁଭ ହୋଇଥାଏ । ଏହାକୁ ଉତ୍ତର ଦିଗରେ ଲଗାଇବାକୁ ଭଲ ବୋଲି କୁହାଯାଏ ନାହିଁ । ଯଦି ଘରର ଉତ୍ତର ଦିଗରେ ଜାମୁ ଗଛ ଅଛି ତାହେଲେ ଏହାକୁ କାଟି ଦିଅନ୍ତୁ ।


# ଝରଣାର ଶବ୍ଦରେ ମନ ପ୍ରଫୁଲିତ କରୁଛି ଗଡ଼ଚଣ୍ଡୀ ପୀଠ



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ପ୍ରକୃତି ରାଣୀର ଅନେକ ଅପୂର୍ବ ସୃଷ୍ଟି ଏଠାରେ ଦେଖିବାକୁ ମିଳେ। ଯେଉଁଥିପାଇଁ ରାଜ୍ୟ ତଥା ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଛୁଟି ଆସନ୍ତି ଏଠାକୁ , ଆଉ ଉପଭୋଗ କରନ୍ତି ପରିବେଶରେ ଅପରୂପ ସୁନ୍ଦରତାକୁ । ଏହି ସବୁ ଭିତରେ ରାଜ୍ୟରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯେଉଁଠାରେ ସବୁଜ ପରିବେଶ ଭରପୂର ମାତ୍ରାରେ ଭରି ହୋଇରହିଛି। ତା ସାଙ୍ଗକୁ କୂଳୁ କୂଳୁ ଝରଣାର ଶବ୍ଦ ମନକୁ ପ୍ରଫୁଲ୍ଲିତ କରୁଛି।

ଏମିତି ଏକ ସ୍ଥାନ ରହିଛି କେନ୍ଦୁଝର ଜିଲ୍ଲାରେ। ଜିଲ୍ଲାର ଆନନ୍ଦପୁର ସଦର ମହକୁମା ଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ପସିଦ୍ଧ ଗଡ଼ଚଣ୍ଡୀ ମନ୍ଦିର। ବଉଳା ପାହାଡ଼ ପାଦଦେଶରେ ସୁନାଘାଇ ଝରଣାର କୂଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପରିବେଶରେ ଅବସ୍ଥିତ ଏହି ମନ୍ଦିର। ଏହି ମନ୍ଦିରରେ ଅଷ୍ଟଭୂଜା ଦେବୀ ଦୁର୍ଗା ମୂର୍ତ୍ତି, ମା ଗଡ଼ଚଣ୍ଡୀ ରୂପେ ପୂଜା ପାଇ ଆସୁଛନ୍ତି। ପ୍ରକୃତିର ଅପରୂନ ସୌନ୍ଦର୍ଯ୍ୟରେ ଭରା ଏହି ପୀଠକୁ ନିଜେ ନଦେଖାଇଲେ ବିଶ୍ୱାସ କରିହେବ ନାହିଁ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଗଡ଼ଚଣ୍ଡୀ ପୀଠ କାହିଁ କେଉଁ ଆବହମାନ କାଳରୁ ଏହି ପାହାଡ଼ ର ପ୍ରତିଷ୍ଠିତ ହୋଇଛି। ଏହି ପୀଠରେ ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଛଡ଼ା କାର୍ତ୍ତିକ, ଗଣେଶ ଶିବଲିଙ୍ଗ, ବୌଦ୍ଧ ଓ ଜୈନ ମୂର୍ତ୍ତିମାନ ଦେଖିବାକୁ ମିଳିଥାଏ। ପୂର୍ବରୁ ଏହି ଅଂଚଳରୁ ଅନେକ ଜୈନ ଓ ବୌଦ୍ଧ ମୂର୍ତ୍ତି ଉଦ୍ଧାର ହୋଇ ରାଜ୍ୟ ସଂଗ୍ରହାଳୟରେ ସ୍ଥାନ ପାଇଛି। ତେଣୁ ଅନୁମାନ କରାଯାଏ ଏଠାରେ ଏକ ପୁରାତନ ସଭ୍ୟତା ଥିଲା।



## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳି। ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ



ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକ।

ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତ। ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକ। ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟ। କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଏଲ୍‌ନିନୋ ମୁକାବିଲା ପାଇଁ ଖରିଫ୍ ରଣନୀତି ପ୍ରସ୍ତୁତ

**ଭୁବନେଶ୍ୱର,୩୧।୫ (ମହାଭାରତ):** ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ଏବଂ ଏଲ୍ ନିନୋର ପ୍ରଭାବ ନେଇ କରାଯାଇଥିବା ଆକଳନକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକର ଅଧକ୍ଷତା କରିଛନ୍ତି। ଏହି ବୈଠକରେ ଆସନ୍ତା ଖରିଫ୍ ୨୦୨୬ ଋତୁ ପାଇଁ ବ୍ୟାପକ ଭାବେ କୃଷି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ରଣନୀତି ଉପରେ ଆଲୋଚନା କରାଯାଇଛି।




ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନଗୁଡ଼ିକୁ ସମ୍ବୋଧିତ କରି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଆସନ୍ତା ଋତୁରେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ବିଭାଗ, ଜିଲ୍ଲା କର୍ତ୍ତୃପକ୍ଷ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ନିଜ ନିଜ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜୁନ୍ ୨୦୨୬ ପ୍ରଥମ ସପ୍ତାହ ସୁଦ୍ଧା ପ୍ରମାଣିତ ବିହନର ସମୟାନୁବର୍ତ୍ତୀ ବଂଟନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଥିରେ ଦୁର୍ଗମ ଏବଂ ସଂକଟାପନ୍ନ ଜିଲ୍ଲାଗୁଡ଼ିକୁ ପ୍ରାଥମିକତା ଦିଆଯିବ। କମ୍ ବର୍ଷା ଆଶଙ୍କା ଥିବା ଅଂଚଳରେ କର୍ତ୍ତୃପକ୍ଷ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ ସୁନିଶ୍ଚିତ କରିବା ସହ ସ୍ୱଳ୍ପ ଓ ମଧ୍ୟମ ଅବଧି ବିଶିଷ୍ଟ ଧାନ, ଡାଲିଜାତୀୟ, ତୈଳବୀଜ ଏବଂ ମାଣ୍ଡିଆ/କ୍ଷୁଦ୍ର ଶସ୍ୟ (ମିଲେଟ୍) ବିହନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବେ। ଉଚ୍ଚ ଜମି ଏବଂ ବର୍ଷା ନିର୍ଭରଶୀଳ ଅଂଚଳରେ ଫସଲ ବିବିଧକରଣକୁ ସକ୍ରିୟ ଭାବେ ପ୍ରୋତ୍ସାହିତ କରିବାକୁ ଜିଲ୍ଲା କୃଷି ଦଳକୁ ନିର୍ଦ୍ଦେଶ ଦିଆଯାଇଛି। ମୌସୁମୀ ଆସିବାରେ ବିଳମ୍ବ ହେଲେ 'କମ୍ୟୁନିଟି ନର୍ସରୀ' ବ୍ୟବସ୍ଥା ଗ୍ରହଣ କରାଯିବ। ଯେକୌଣସି ପାଣିପାଗ ଜନିତ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଧାନ, ଡାଲି ଏବଂ ତୈଳବୀଜ ବିହନ ସଂରକ୍ଷିତ ରଖାଯିବ।

ସେହିପରି ମାର୍କଫେଡ୍, ପ୍ୟାକ୍ସ ଏବଂ ଲ୍ୟାମ୍ପସ ମାଧ୍ୟମରେ ଚାଷୀଙ୍କ ପାଖରେ ସାରର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରାଯିବ। ବିଶ୍ୱ ବଜାରର ଅନିଶ୍ଚିତତା ସତ୍ତ୍ୱେ ସାର କମ୍ପାନୀଗୁଡ଼ିକ ଦ୍ୱାରା ସାର ଯୋଗାଣ ଅବ୍ୟାହତ ରହିବ। ସାର ବଣ୍ଟନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାରର କଳାବଜାରୀ, ବେଆଇନ ମହଜୁଦ ଏବଂ ଚାଷ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଗଲେ ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣେଇବେ। କ୍ଷେତ୍ର ସ୍ତରୀୟ କର୍ମଚାରୀମାନେ ବ୍ୟକ୍ତିଗତ 'ମୃତିକା ସ୍ୱାସ୍ଥ୍ୟ କାର୍ଡ' ଆଧାରରେ ସନ୍ତୁଳିତ ଏବଂ ସମନ୍ୱିତ ପୋଷକ ତତ୍ତ୍ୱ ପରିଚାଳନା, ସବୁଜ ସାରର ବ୍ୟବହାର ଏବଂ ଜଳ ସଂରକ୍ଷଣ ପଦ୍ଧତିକୁ ପ୍ରୋତ୍ସାହିତ କରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅଧିକରୁ ଅଧିକ ଚାଷୀଙ୍କ ନାମାଙ୍କନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ଚାଷୀଙ୍କ ଆର୍ଥିକ ବୋଝ ହ୍ରାସ କରିବା ପାଇଁ ଓଡ଼ିଶା ସରକାର ଚାଷୀଙ୍କ ଭାଗର ସମ୍ପୂର୍ଣ୍ଣ ପ୍ରିମିୟମ୍ (ଚାଷୀ ପ୍ରତି ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ) ନିଜେ ବହନ କରୁଛନ୍ତି, ଯେଉଁଥିପାଇଁ ଆବେଦନକାରୀଙ୍କୁ ମାତ୍ର ୧/- ଟଙ୍କାର ଟୋକନ୍ ଦେୟ ଦେବାକୁ ପଡ଼ିବ। ଜିଲ୍ଲା ପ୍ରଶାସନକୁ ସେମାନଙ୍କ କୃଷକ ପଞ୍ଜୀକରଣ (ଧାର୍ଯ୍ୟ ଲକ୍ଷ୍ୟ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ପିଏମ୍-କିସାନ , ସିଏମ୍-କିସାନ ସହାୟତା, ରିହାତି ଦରରେ ସାର/ବିହନ କ୍ରୟ ଏବଂ ସରକାରୀ ଧାନ ସଂଗ୍ରହ (ମଣ୍ଡି) ର ସୁବିଧା ପାଇବା ପାଇଁ ଏହି ପଞ୍ଜୀକରଣ ବାଧ୍ୟତାମୂଳକ ଅଟେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏହାର କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକ ମାଧ୍ୟମରେ ସମୟୋପଯୋଗୀ, ଆଂଚଳିକ ଭିତିକ ଏବଂ ପାଣିପାଗ ଆଧାରିତ କୃଷି ପରାମର୍ଶ ପ୍ରଦାନ କରିବ। ଓୟୁଏଟି ରୋଗପୋକ ପରିଚାଳନା ଏବଂ ପ୍ରତିକୂଳ ପରିସ୍ଥିତି ସହନଶୀଳ ଫସଲ କିସମ ପାଇଁ ବୈଷୟିକ ସହାୟତା ମଧ୍ୟ ଯୋଗାଇଦେବ।

# ଏରସମା-ବାଲିକୁଦା ଲୋକଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୫ (ମହାଭାରତ):** ପାରାଦ୍ୱୀପରେ ଜେଏସଡବ୍ଲ୍ୟୁ ଷ୍ଟିଲ ପ୍ଲାଂଟର ଶିଳାନ୍ୟାସ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ବିସ୍ଥାପନ ବ୍ୟବସ୍ଥା ଓ କ୍ଷତିପୂରଣ ନ ଦେଇ ମୁଖ୍ୟମନ୍ତ୍ରୀଙ୍କ ଜେଏସଡବ୍ଲ୍ୟୁ ଲୌହ ପ୍ଲାଂଟ ଉଦଘାଟନ କରିବା ଦୁର୍ଭାଗ୍ୟ ଜନକ। ବାଲିକୁଦା ଏରସମା ଅଞ୍ଚଳର ପାନ, ମୀନ ଓ ଧାନ ଚାଷ କରୁଥିବା କୃଷକ ଏବଂ ଜଙ୍ଗଲରେ ବାସ କରୁଥିବା ଅଧିବାସୀ ପୋସ୍କୋ ଆନ୍ଦୋଳନ ସମୟରୁ ଦୀର୍ଘ ୨୨ ବର୍ଷ ହେଲା ସେମାନଙ୍କ ଅଧିକାରର ସଂଘର୍ଷ କରି ଆସୁଛନ୍ତି। ବର୍ତ୍ତମାନ ଜେଏସଡବ୍ଲ୍ୟୁର ଦମନମୂଳକ ତଥା ସରକାରଙ୍କ ଉପେକ୍ଷାର ଶିକାର ହୋଇ ଦୀର୍ଘ ୮ ଦିନ କାଳ ୪୫ ଡିଗ୍ରୀ ମୁଣ୍ଡଫଟା ଖରାରେ କୁଜଙ୍ଗଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଶହ ଶହ ନର ନାରୀ ନ୍ୟାୟପଥେ ଗାନ୍ଧୀ ପଦଯାତ୍ରା



କରିଥିଲେ। କ୍ଷତି ପୂରଣ ଆକଳନ ନ କରି ମୁଖ୍ୟମନ୍ତ୍ରୀ ଜେଏସଡବ୍ଲ୍ୟୁର ପ୍ଲାଂଟ ଉଦଘାଟନ କରିବା ଅତି ନିନ୍ଦନୀୟ ବିଷୟ । ସରକାର ଏରସମା-ବାଲିକୁଦା ଅଂଚଳ ଲୋକଙ୍କ ପ୍ରତି ବିଶ୍ୱାସଘାତ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କମ୍ପାନୀ ପ୍ରିତୀ ଯୋଗୁଁ ଆଜି ସାରା ରାଜ୍ୟରେ ଆଦିବାସୀ, ଗରିବ, ଦଳିତ ଓ କୃଷକଙ୍କ ଅବସ୍ଥା ଶୋଚନୀୟ ହୋଇ ପଡିଛି । ସମସ୍ତେ ତିଳ ତିଳ ହୋଇ କାଳାତିପାତ କରିବାକୁ ଛାଡି ଦିଆଯାଉଛି।

# ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର: ବିଜେଡି

**ଭୁବନେଶ୍ୱର,୩୧।୫ (ମହାଭାରତ):** ପାରାଦୀପ ନିର୍ବାଚନ ମଣ୍ଡଳୀର ଡିଙ୍କିଆ, ନୂଆଗାଁର ଗଡ଼କୁଜଙ୍ଗରେ ନବୀନ ସରକାର ଅମଳରେ ଜେଏସ୍‌ଡବ୍ଲୁ ପ୍ଲାଂଟର ଭିତିପ୍ରସ୍ତର ସ୍ଥାପନ କରାଯାଇ ଶିଳାନ୍ୟାସ କରାଯାଇଥିଲା। ବର୍ତ୍ତମାନର ବିଜେପି ସରକାର ସମାନ ପ୍ରକଳ୍ପର ପୁନଃ ଶିଳାନ୍ୟାସ କରି ବାହାବା ନେବା ନିନ୍ଦନୀୟ ବୋଲି କହିଛି ବିଜୁ ଜନତା ଦଳ। ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ଯେଉଁ ପୁଞ୍ଜିନିବେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଣିଥିଲେ, ସେହି ଜେଏସ୍‌ଡବ୍ଲୁ ପ୍ଲାଂଟର ପୁନଃ ଶିଳାନ୍ୟାସ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଥିବାରୁ ସରକାରଙ୍କ ଉପରେ ବର୍ଷିଥିଲେ।

ଡ଼ ଲେନିନ ମହାନ୍ତି କହିଥିଲେ, ନବୀନ ସରକାର ଅମଳରେ 'ମେକ୍ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମରେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡିଙ୍କିଆ ନୂଆଗାଁର ଗଡ଼କୁଜଙ୍ଗରେ ଜେଏସ୍‌ଡବ୍ଲୁ ପ୍ଲାଂଟ ପ୍ରତିଷ୍ଠା କରିବା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜେଏସ୍‌ଡବ୍ଲୁର ପ୍ଲାଂଟର ଭିତିପ୍ରସ୍ତର ସ୍ଥାପନା କରି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ପୂର୍ବ ସରକାର କରିଥିବା କାମକୁ ବର୍ତ୍ତମାନର ବିଜେପି ସରକାର ନିଜ କାମ କହି ଡିଣ୍ଡିମ ପିଟିବା ଅତ୍ୟନ୍ତ ହାସ୍ୟାସ୍ପଦ । ରାଜ୍ୟକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସୁଥିବା କଥାସରକାର କହୁଛନ୍ତି, ବାସ୍ତବରେ କେତେ ପୁଞ୍ଜିନିବେଶ ଆସିଛି ଓ କେତେ ପୁଞ୍ଜି ଗ୍ରାଉଣ୍ଡେଡ୍ ହୋଇଛି, ତାହା ଓଡ଼ିଶାବାସୀଙ୍କ ନିକଟରେ ଉପସ୍ଥାପନା କରନ୍ତୁ । ନିଯୁକ୍ତି ସୃଷ୍ଟି ନାଁରେ ଯୁବବର୍ଗଙ୍କୁ ହତାଶ କରି ତାଙ୍କ ଭାବନା ସହିତ ନ ଖେଳନ୍ତୁ ସରକାର । ପ୍ରକଳ୍ପ ପ୍ରତିଷ୍ଠା ନାଁରେ ମିଛ କହିବାରୁ ନିବୃତ ରୁହନ୍ତୁ ସରକାର। ଡ଼ ମହାନ୍ତି ଆହୁରି କହିଥିଲେ, ରାଜ୍ୟକୁ ପୁଞ୍ଜିନିବେଶ ଆସିଲେ ପ୍ରମୁଖ ବିରୋଧୀ ଦଳ ହିସାବରେ ବିଜେଡି ସ୍ୱାଗତ କରିବ । କାହିଁକି ନା ପୁଞ୍ଜିନିବେଶ ଆସିବା ଦ୍ୱାରା ରାଜ୍ୟରେ ନିଯୁକ୍ତି ସୃଷ୍ଟି ହେବ, ଯାହା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର କରୁଥିଲା । ବର୍ତ୍ତମାନ ସରକାରର ଶିଳ୍ପ ମନ୍ତ୍ରୀ ଶିଳ୍ପର ବିକାଶ ନାଁରେ ନିଜର ବିକାଶ ଅଧିକ କରୁଛନ୍ତି । ରାଜ୍ୟରେ କଂଟାମାଲ, ଭଲ ନେତୃତ୍ୱ ଓ ଆଇନଶୃଙ୍ଖଳା ପରିସ୍ଥିତି ଠିକ୍ ଥିଲେ ନିବେଶ ଆସେ । କିନ୍ତୁ ରାଜ୍ୟରେ ବିଗିଡ଼ିଯାଇଥିବା ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ନୂତନ ପୁଞ୍ଜିନିବେଶ ପାଇଁ ଶିଳ୍ପପତି ମାନେ ମନ ବଳାଉ ନାହାନ୍ତି । ଅପରପକ୍ଷରେ ରାଜ୍ୟକୁ ନୂତନ ପୁଞ୍ଜି ଆଣିବା ବାହାନାରେ ରାଜ୍ୟ ତହବିଲ୍ ରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ, ଦେଶ ବିଦେଶ ଭ୍ରମଣ କରିବାରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ସଚିବମାନେ ମାତିଛନ୍ତି ।

# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ସିଜୋଫ୍ରେନିଆ ଦିବସ

**ଭୁବନେଶ୍ୱର,୩୧।୫ (ମହାଭାରତ):** ସିଜୋଫ୍ରେନିଆ ଏକ ଚିକିତ୍ସାସାପେକ୍ଷ ମାନସିକ ସମସ୍ୟା ଯାହାକି ଆଗୁଆ ଚିହ୍ନଟ, ଉପଯୁକ୍ତ ଚିକିତ୍ସା, ପରିବାର ଏବଂ ସମାଜର ସହଯୋଗ ଦ୍ୱାରା ଉପଯୁକ୍ତ ଭାବେ ନିୟନ୍ତ୍ରଣ କରିହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ପକ୍ଷରୁ ସୋମବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ରଖିଥିଲେ।




ହସ୍ପିଟାଲ୍‌ର ମାନସିକ ରୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସିଜୋଫ୍ରେନିଆ ସମସ୍ୟାକୁ ବୁଝିବା, ଏହି ମାନସିକ ରୋଗକୁ ନେଇ ଲାଗି ରହିଥିବା କଳଙ୍କକୁ ହ୍ରାସ କରିବା ଏବଂ ଆଗୁଆ ପରୀକ୍ଷଣ ଓ ଚିକିତ୍ସାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ରଖିଥିଲା।

କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟରେ ଏହି ସମସ୍ୟାର ପ୍ରାଥମିକ ଲକ୍ଷଣ, ରୋଗର ଅଗ୍ରଗତି, ଉପଲବ୍ଧ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯାଇଥିଲା। ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା, ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ତାପସି ପତି ଏବଂ ମାନସିକ ରୋଗ ବିଭାଗର ମୁଖ୍ୟ ଡାକ୍ତର ଭବାନୀଶଙ୍କର ଶିତଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ, ଡାକ୍ତର ସ୍ୱୟଂପ୍ରଭା ବରାଳ ଓ ଡାକ୍ତର ଜ୍ଞାନେନ୍ଦ୍ର ରଘୁବଂଶୀ ନିଜ ବକ୍ତବ୍ୟରେ ସମାଜରେ ବୃଦ୍ଧି ପାଉଥିବା ସ୍ୱାସ୍ଥ୍ୟ ସମସ୍ୟା ଓ ଏହି ସମସ୍ୟାରୁ ସୁସ୍ଥ ହେବା ନିମନ୍ତେ ଉପଯୁକ୍ତ ସମୟରେ ମାନସିକ ଚିକିତ୍ସା, ପରିବାର ଓ ସମାଜର ସହଯୋଗ ସମ୍ପର୍କରେ କହିଥିଲେ।

ଏହି ଅବସରରେ ଆସିଷ୍ଟାଂଟ ପ୍ରଫେସର ଡାକ୍ତର ଅଭିଷେକ ସାମଲ, ଡାକ୍ତର କୀର୍ତି ଅନୁରାଗ, ଡାକ୍ତର ସୁଜାତା ସାହୁ, ଡାକ୍ତର ସୁଚରିତା ମିଶ୍ର, ଡାକ୍ତର ସୁମାଲିଆ ଆସିଫ ଓ ସିନିୟର ରେସିଡେଂଟ ଡାକ୍ତର ସତୀଶ ରଞ୍ଜନ, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ମିସ୍ ଲୀଜା ଡାନିଏଲ୍ ଓ ମନସ୍ତତ୍ୱବିତ୍ ଓ ସାମାଜିକ କର୍ମୀ ମିସ୍ ସୁହାସିନୀ ମହାନ୍ତି ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମ ଶେଷରେ ଆସିଷ୍ଟାଂଟ ପ୍ରଫେସର ଡାକ୍ତର ସାଇ ପ୍ରସାଦ ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# କିମସ୍ କାର୍ଡିଆକ୍ ସର୍ଜନ ଚିକାଗୋ ଏଏଟିଏସ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନୀତ

**ଭୁବନେଶ୍ୱର,୩୧।୫ (ମହାଭାରତ):** ଭୁବନେଶ୍ୱର କିମ୍‌ସ ହୃଦ୍ ସର୍ଜନ୍ ଡା ସତ୍ୟଜିତ୍ ସାମଲ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛନ୍ତି। ଉନ୍ନତ ହୃଦୟ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଏଟିଏସ ଫାଉଣ୍ଡେସନରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇବାରେ ଡା ସାମଲ ହେଉଛନ୍ତି ଓଡ଼ିଶାର ପ୍ରଥମ କାର୍ଡିଓଥୋରାସିକ୍ ସର୍ଜନ।

ମେ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋରେ ଅନୁଷ୍ଠିତ ୧୦୬ ତମ ଏଏଟିଏସ ବାର୍ଷିକ ବୈଠକ ଅବସରରେ ଡା ସାମଲଙ୍କୁ ଆମେରିକୀୟ ଆସୋସିଏସନ୍ ଫର୍ ଥୋରାସିକ୍ ସର୍ଜରୀ (ଏଏଟିଏସ) ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ୨୦୨୬ ମୁସଲେମ୍ କଞ୍ଜେନିଟାଲ୍ ହାର୍ଟ ଡିଜିଜ୍ (ସିଏଚଡି) ଆଲାଏନ୍ସ ଟ୍ରାଭେଲ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଛି। ଏହି ପୁରସ୍କାର ହୃଦରୋଗ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନକୁ ସମ୍ମାନିତ କରିବା ସହ କିମ୍‌ସରେ କରାଯାଉଥିବା ଉନ୍ନତ ହୃଦରୋଗ ଚିକିତ୍ସା ଏବଂ ପ୍ରତିରୋପଣରେ



ଅନ୍ତର୍ଜାତୀୟ ସହଯୋଗ, ପରାମର୍ଶ ଏବଂ ଉତ୍କୃଷ୍ଟ ତାଲିମ ସଂପର୍କରେ ପ୍ରତିପାଦିତ କରୁଛି।

ସୂଚନାଯୋଗ୍ୟ, ଏଏଟିଏସକୁ ହୃଦ୍ ଥୋରାସିକ୍ ସର୍ଜରୀ କ୍ଷେତ୍ରରେ ବିଶ୍ୱର ସର୍ବବୃହତ, ସବୁଠାରୁ ଉନ୍ନତ ଏବଂ ପ୍ରମୁଖ ସଂଗଠନ ଭାବରେ ବିବେଚନା କରାଯାଏ। ହୃଦ୍ ଥୋରାସିକ୍ ସର୍ଜରୀ, ଗବେଷଣା, ନବସର୍ଜନା ଏବଂ ଶିକ୍ଷାଗତ ଉତ୍କର୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ, ବିଶ୍ୱର ଖ୍ୟାତିସଂପନ୍ନ ସର୍ଜନମାନଙ୍କୁ ଏଏଟିଏସ ଫାଉଣ୍ଡେସନ୍ ଦ୍ୱାରା ମନୋନୀତ କରାଯାଇ ସମ୍ମାନିତ କରାଯାଇଥାଏ।

ଏଭଳି ସମ୍ମାନ ପାଇଁ କିମ୍‌ସ ଓ ଏଏଟିଏସ ଫାଉଣ୍ଡେସନକୁ ଡା ସାମଲ କୃତଜ୍ଞତା ଜଣାଇଛନ୍ତି। ଚିକାଗୋରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଡା. ସାମଲ ବିଶ୍ୱର ପ୍ରମୁଖ ହୃଦ୍ ଥୋରାସିକ୍ ସର୍ଜନଙ୍କଠାରୁ ହୃଦୟ ପ୍ରତିରୋପଣ ଏବଂ ଅନ୍ୟାନ୍ୟ ଉନ୍ନତ ହୃଦ୍ ଥୋରାସିକ୍ ଶଲ୍ୟଚିକିତ୍ସା ପ୍ରକ୍ରିୟା ସଂପର୍କରେ ବିଶେଷ ପରାମର୍ଶ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ଏଏଟିଏସ ପ୍ଲାଟଫର୍ମ ମାଧ୍ୟମରେ ସୃଷ୍ଟି ହୋଇଥିବା ସଂପର୍କ କିମସରେ ଉନ୍ନତ ହୃଦରୋଗ ଚିକିତ୍ସାକୁ ସୁଦୃଢ଼ କରିବା ସହ କିମ୍‌ସରେ ଏକ ବ୍ୟାପକ ହୃଦରୋଗ ପ୍ରତିରୋପଣ କାର୍ଯ୍ୟକ୍ରମ ପାଇଁ ଅଧିକ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡା ସାମଲ କହିଛନ୍ତି।

ଡା. ସାମଲଙ୍କ ସଫଳତାରେ ଖୁସି ବ୍ୟକ୍ତି କରି କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସମ୍ମାନ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଉତ୍କର୍ଷତା ଏବଂ ସ୍ୱତନ୍ତ୍ର ହୃଦରୋଗ ସେବା ପାଇଁ କିମସର କାମକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ଓଡ଼ିଶାରେ 'ହାପିନେସ୍ ଫର୍ ହର୍' ଅଭିଯାନ

**ଭୁବନେଶ୍ୱର,୩୧।୫ (ମହାଭାରତ):** ବାନାନା ଫାଇବର୍ ଅବଶୋଷକ ବ୍ୟବହାର କରି ବିଶ୍ୱର ପ୍ରଥମ ପୁନଃ ବ୍ୟବହାରଯୋଗ୍ୟ ସାନିଟାରୀ ପ୍ୟାଡ୍ ନିର୍ମାଣ ପାଇଁ ବହୁଳ ଭାବରେ ଜଣାଶୁଣା "ଭାରତର ପ୍ୟାଡ୍ ୱୁମେନ୍" ଅଞ୍ଜୁ ବିଷ୍ଟ ଗତ ୨ ବର୍ଷ ଧରି ଓଡ଼ିଶାରେ ଋତୁସ୍ରାବ ଜନିତ ସ୍ୱାସ୍ଥ୍ୟ ଆନ୍ଦୋଳନକୁ ଆଗେଇ ନେଉଛନ୍ତି। ଭାରତରେ ସବୁଠାରୁ କମ୍ ଆଲୋଚିତ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ଗୋଟିଏ- ଋତୁସ୍ରାବ ଜନିତ ସଚେତନତା ଏବଂ ସୁସ୍ଥ ଋତୁସ୍ରାବ ବିକଳ୍ପର ପ୍ରବେଶକୁ ନଜରରେ ରଖି ଶିକ୍ଷାବିତ୍, ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ସ୍ଥାୟୀ ନେତୃତ୍ୱ ଏବଂ ପରିବର୍ତ୍ତନକାରୀ ଯୁବପିଢ଼ୀମାନଙ୍କୁ ଏକତ୍ରିତ କରୁଛନ୍ତି।

ସୌଖ୍ୟମ ଫାଉଣ୍ଡେସନ ସହଭାଗିତାରେ ଆରମ୍ଭ ହୋଇଥିବା ନେକ୍ସସ୍ ସିଲେକ୍ଟ ମଲ୍ସର ପ୍ରମୁଖ ସିଏସ୍‌ଆର ପଦକ୍ଷେପ ଭାବେ 'ହାପିନେସ୍ ଫର୍ ହର୍' ଏହି ପ୍ରୟାସରେ ସାମିଲ ହୋଇଛି । ଏହି ପ୍ରୟାସରେ 'କ୍ୟାମ୍ପସ ଆକ୍ସନ ଫର୍ ରିୟୁଜେବୁଲ୍ ଏସେନ୍ସିଆଲ୍‌ସ' (ଉଇଜର), ଏକ ଯୁବ ନେତୃତ୍ୱାଧୀନ କ୍ୟାମ୍ପସ ଆନ୍ଦୋଳନ ଅନ୍ତର୍ଭୁକ୍ତ ଯାହା ସୁସ୍ଥ ଏବଂ ଅଧିକ ସ୍ଥାୟୀ ଋତୁସ୍ରାବ ଅଭ୍ୟାସକୁ ପ୍ରୋତ୍ସାହିତ କରେ।

ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନେକ୍ସସ ଏସ୍‌ପ୍ଲାନେଡ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟ ସମେତ ଅନୁଷ୍ଠାନର ଛାତ୍ରୀ ଓ ପ୍ରାଧ୍ୟାପକମାନଙ୍କୁ ସେମାନଙ୍କ କ୍ୟାମ୍ପସରେ ସ୍ଥାୟୀ ଋତୁସ୍ରାବ ଅଭ୍ୟାସ ଏବଂ ସମକକ୍ଷଙ୍କ ନେତୃତ୍ୱରେ ଆଚରଣଗତ ପରିବ□ନକୁ ସମର୍ଥନ କରିବା ପାଇଁ 'କେୟାର' ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଏମ୍ସ ଭୁବନେଶ୍ୱର, ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, କମଳା ନେହରୁ ମହିଳା ମହାବିଦ୍ୟାଳୟ ଏବଂ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜୀର ପ୍ରତିନିଧି ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହି ପ୍ରୟାସଗୁଡ଼ିକ ମିଳିତ ଭାବରେ ଗତ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ଯୁବତୀଙ୍କୁ ମାସିକ ଋତୁସ୍ରାବ ପାଇଁ ବ୍ୟବହୃତ ଦ୍ରବ୍ୟରୁ ଦୂରେଇ ଅଧିକ ସ୍ଥାୟୀ ବିକଳ୍ପ ଆଡକୁ ସ୍ଥାନାନ୍ତର କରିବାରେ ସାହାଯ୍ୟ କରିଛି।

# ପାଚକ ପାଚିକା ମହାସଂଘ ରାଜ୍ୟସ୍ତରୀୟ ସମ୍ମିଳନୀ

**ଭୁବନେଶ୍ୱର,୩୧।୫ (ମହାଭାରତ):** "ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ମହାସଂ" ପକ୍ଷରୁ "ଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ" ଜୟଦେବ ଭବନ, ଭୁବନେଶ୍ୱରଠାରେ ମହା ସମାରୋହରେ ପାଳନ କରାଯାଇଛି । ଉକ୍ତ ସମ୍ମିଳନୀରେ ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜନକ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଡ୍‌ଭୋକେଟ୍ ଶ୍ରୀମତୀ ପ୍ରତିଭା ବର୍ମା ଓ ମହାସଂଘର ରାଜ୍ୟ ଆବାହକ ଶ୍ରୀଯୁକ୍ତ ଦିଗମ୍ବର ଜେନା ଯୋଗଦେଇ ତାଙ୍କ ଅଭିଭାଷଣରେ କହିଲେ ଓଡ଼ିଶାରେ ଦୀର୍ଘଦିନ ଧରି ୧ଲକ୍ଷ ୨୭ ହଜାର ମଧ୍ୟାହ୍ନଭୋଜନ ପାଚକ ପାଚିକାମାନେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଛନ୍ତି । ବଡ଼ ଦୁଃଖର ବିଷୟ ବ□ମାନ ୩ ହଜାର ଟଙ୍କା ମାସିକ ପାରିଶ୍ରମିକ ବାବଦରେ ପାଉଛନ୍ତି ତା' ସମୁଦ୍ରକୁ ଶଙ୍ଖେ । ସେମାନଙ୍କୁ ନିର୍ଦ୍ଧାରିତ ମଜୁରୀ ଦେବା



ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଉଛି । ସେମାନଙ୍କ ଦାବିଗୁଡ଼ିକ ହେଲା - ୧. ଆମ୍ଭେ ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରୀ ଟ.୫୦୦/- ଆମ୍ଭ ପାଇଁ ଲାଗୁ କରାଯାଉ । ଉକ୍ତ ପ୍ରକାରେ ମାସିକ ଟ.୧୫,୦୦୦/- ଦରମା ଲାଗୁ କରାଯାଉ । ୨. ଆମ୍ଭ ସମସ୍ତଙ୍କୁ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍‌କୋର୍ଡ ଲାଗୁ କରାଯାଉ । ୩. ଚିକିତ୍ସା ଭ□ା ସହିତ ଜୀବନ ବୀମାର ସୁବିଧା କରାଯାଉ । ୪. ୨୦୧୮ ମସିହା ଜାନୁଆରୀ ମାସଠାରୁ ବ□ମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ୨୭,୦୦୦ଟଙ୍କା ଦିଆଯିବା ସହିତ ମଇ, ଜୁନ୍ ଛୁଟି ଦୁଇ ମାସର ଦରମା ପ୍ରଦାନ କରାଯାଉ । ୫. ଆମ୍ଭମାନଙ୍କୁ ବାହାର କରିବାର ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ସ୍କୁଲ୍ ବିଭାଗ ସିଧାସଳଖ ନିୟନ୍ତ୍ରଣରେ କରାଯାଉ । ୬. ଯେହେତୁ, ଆମ୍ଭେ ସ୍କୁଲ୍‌ରେ ୯ ଘ□ା ଠାରୁ ପ୍ରବେଶ କରି ଦିନ ତମାମ ରୋଷେଇ କରିବା, ରୋଷେଇ ବାସନକୁସନ ଧୋଇ ୮ ଘ□ାରୁ ଅଧିକ ପରିଶ୍ରମ କରୁଥିବା ବେଳେ ଆମ୍ଭମାନଙ୍କୁ ଦୈନିକ ମଜୁରୀଆର ସ୍ୱୀକୃତି ଦେଇ ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯାଉ ।

# ଆନ୍ତର୍ଜାତୀୟ "ଫାସିନେସନ୍ ଅଫ୍ ପ୍ଲାଂଟସ୍ ଡେ" ୱେବିନାର

**ଭୁବନେଶ୍ୱର,୩୧।୫ (ମହାଭାରତ):** ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ୟୁରୋପିଆନ୍ ପ୍ଲାଂଟ ସାଇନ୍ସ ଅର୍ଗାନାଇଜେସନ୍ (ଇପିଏସ୍‌ଓ) ଆନୁକୂଲ୍ୟରେ ଗତ ମେ ୨୨ ଓ ୨୩ ତାରିଖ ଦୁଇ ଦିନ ଧରି ୮ମ ଆନ୍ତର୍ଜାତୀୟ "ଫାସିନେସନ୍ ଅଫ୍ ପ୍ଲାଂଟସ୍ ଡେ (ଏଫ୍‌ଓପିଡି-୨୦୨୬)" ୱେବିନାର ଆୟୋଜିତ ହୋଇଯାଇଛି । ୱେବିନାରଟି ସଫଳତାର ସହ ସଂପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଗବେଷଣା ସଂସ୍ଥାରୁ ୨୨୫ରୁ ଅଧିକ ପ୍ରତିନିଧି ସାମିଲ ହୋଇଥିଲେ।

ଏହି ୱେବିନାରଟି ମଲିକ୍ୟୁଲାର ବାୟୋଲୋଜି ଓ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା ବେଳେ ଡ଼କ୍ଟର ମଧୁସ୍ମିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଡକ୍ଟର ଆଲୋକ କୁମାର ପଣ୍ଡା, ଡକ୍ଟର ପ୍ରକାଶ କୁମାର ବେହେରା ଓ ପିଏଚ୍‌ଡି ଗବେଷିକା ମମତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନଲାଇନ୍ କାର୍ଯ୍ୟକ୍ରମର ଟେକ୍ନିକାଲ୍ ସମନ୍ୱୟ ଡକ୍ଟର ଅଂଶୁମାନ ଜେନା ଓ ଡକ୍ଟର ରାଜୀବ କୁମାର ବେହେରା ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ କୃଷି ବିଜ୍ଞାନ ଅନୁଷ୍ଠାନର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇ କୃଷି ବିକାଶ ଓ ବିଶ୍ୱ ଖାଦ୍ୟ ସୁରକ୍ଷା ପାଇଁ ଉଦ୍ଭିଦ ବିଜ୍ଞାନ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ପ୍ରଥମ ଦିନରେ ପ୍ରଫେସର ଜ୍ଞାନ ରଞ୍ଜନ ରାଉତ "ପ୍ଲାଂଟ କନ୍‌ଜରଭେସନ୍, ଡାଇଭରସିଟି ଆଣ୍ଡ ୟୁଟିଲାଇଜେସନ୍" ବିଷୟରେ ଆଲୋଚନା କରିଥିବା ବେଳେ ଆଇସିଏଆର-ନ୍ୟାସ୍‌ନାଲ୍ ରିସର୍ଚ୍ଚ ସେଂଟର ଅଲ୍ ଲିଚି ଡ଼. ସୁବଲକ୍ଷ୍ମୀ ପଲେଇ ଜଳବାୟୁ ସହନଶୀଳତା ଓ ଖାଦ୍ୟ ସୁରକ୍ଷା ପାଇଁ ଉନ୍ନତ ଉଦ୍ୟାନ କୃଷି ପ୍ରଯୁକ୍ତି ବିଷୟରେ ବ୍ୟାଖ୍ୟାନ ଦେଇଥିଲେ। ସେହିପରି ସଦର୍ଣ୍ଣ ଫେଡେରାଲ୍ ୟୁନିଭର୍ସିଟି ଡ଼. ସ୍ୱର୍ଣ୍ଣେନ୍ଦ୍ର ବ୍ୟାନାର୍ଜୀ ନାନୋ ରିମେଡିଏସନ୍ ମାଧ୍ୟମରେ ଉଦ୍ଭିଦରେ ଷ୍ଟ୍ରେସ୍ ପରିଚାଳନା ଓ ଉତ୍ପାଦନ ବୃଦ୍ଧିରେ ଜିଙ୍କ-ଅକ୍ସାଇଡ୍ ନାନୋପାର୍ଟିକଲର ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନରେ ନାଇଜର, ଗିତମ ଏବଂ ସୋଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞ ଓ ବୈଜ୍ଞାନିକମାନେ ଉଦ୍ଭିଦ ଜୀବ ବିଜ୍ଞାନ, ଜିନେଟିକ୍ସ, ଫସଲ ଉନ୍ନତି, ରୋଗ ଓ ପୋକ ପରିଚାଳନା ସହ ଧାନରେ ଲୋ-ଲାଇଟ୍ ସହନଶୀଳତା ଭଳି ବିଷୟରେ ଆଲୋଚନା କରିଥିଲେ। ଏହି ୱେବିନାରର ଉଦ୍ଦେଶ୍ୟ ରହିଥିଲା ଖାଦ୍ୟ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, କୃଷି ଓ ପରିବେଶ ସୁରକ୍ଷା ପରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସମାଧାନରେ ଉଦ୍ଭିଦ ବିଜ୍ଞାନର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷାବିଦ୍ ଓ ବୈଜ୍ଞାନିକମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

# ରାଜ୍ୟରେ ଜଳସଙ୍କଟ

ଓଡ଼ିଶା ଭଳି ଏକ ଉପକୂଳବର୍ତ୍ତୀ ରାଜ୍ୟରେ ଜଳସଙ୍କଟ ନିଶ୍ଚିତଭାବେ ଏକ ମନୁଷ୍ୟକୃତ ସଙ୍କଟ କହିଲେ ଭୁଲ ହେବ ନାହିଁ। ଏଠାରେ ପ୍ରଚୁର ବର୍ଷା ହେଉଥିଲେ ମଧ୍ୟ ବର୍ଷା ଜଳର ସଞ୍ଚୟ ଏବଂ ସଦୁପଯୋଗ ଲାଗି କିଛି ଯୋଜନା କରାଯାଉନଥିବାରୁ ଆଜି ରାଜ୍ୟରେ ପାନୀୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଅନେକ ଗ୍ରାମରେ ଲୋକେ ପାଣିବିନା ତହଳ ବିକଳ ହେଉଛନ୍ତି। ବିଶେଷ କରି ଗ୍ରୀଷ୍ମଋତୁରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏପରିକି ନଦୀ କୂଳରେ ବସବାସ କରୁଥିବା ଲୋକେ ମଧ୍ୟ ପାଣି ସଂଗ୍ରହ କରିବାକୁ ମାଇଲ ମାଇଲ ବାଟ ଚାଲୁଛନ୍ତି। ଖରାଦିନେ ନଦୀ ଶୁଖି ଯାଉଛି। ତେଣୁ ପାଣି ସମସ୍ୟା ଉତ୍କଟ ହେଉଛି। ଚାଷ ପାଇଁ ଜଳ ଯୋଗାଣ ଦୂରର କଥା ପିଇବାକୁ ବା ଦୈନିନ୍ଦିନ ଆବଶ୍ୟକତା ପୂରଣ ପାଇଁ ଲୋକେ ପାଣିମୁନ୍ଦେ ପାଉ ନାହାଁନ୍ତି। ଅନେକ ସ୍ଥାନରେ ଲୋକେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ କେନାଲରେ ମଧ୍ୟ ଜଳ ଯୋଗାଣ ହେଉନି। ଉପକୂଳ ଅଞ୍ଚଳ କଥା ଯଦି ଏପରି, ପାହାଡ଼ିଆ ଅଞ୍ଚଳର ସ୍ଥିତି କେତେ ଖରାପ ହୋଇଥିବ ଏଥିରୁ ସହଜେ ଅନୁମେୟ। ଏହି ସମସ୍ୟା ଏବେ ନୁହେଁ, ଅନେକ ବର୍ଷ ହେବ ଦେଖିବାକୁ ମିଳୁଛି। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ପାନୀୟ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଅବସ୍ଥା ମଧ୍ୟ ସଙ୍ଗୀନ। ମହାନଦୀ ଉପରମଭୁଣ୍ଡରେ ଛତିଶଗଡ଼ ସରକାର ବହୁ ବ୍ୟାରେଜ ନିର୍ମାଣ କରିବା ଫଳରେ ହୀରାକୁଦକୁ ଜଳ ପ୍ରବାହ କମିଛି। ତେଣୁ ଖରାଦିନେ ତଳମୁଣ୍ଡକୁ ପାଣି ଆସୁନି ଏବଂ ଲୋକେ ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଲାଗି ପ୍ରତିବର୍ଷ ବଜେଟରେ ବିପୁଳ ଅର୍ଥ ବରାଦ ହେଉଛି। କିନ୍ତୁ ଏହାର ସଦୁପଯୋଗ ହେଉନଥିବାରୁ ପାନୀୟ ଜଳ ସମସ୍ୟା ଦୂର ହୋଇପାରୁନି। କିଛି ବର୍ଷ ତଳେ ସରକାର ମୋ ପୋଖରୀ ଯୋଜନା ଆରମ୍ଭ କରିଥିଲେ। ଲକ୍ଷ୍ୟ ଥିଲା ଯେ, ଗ୍ରାମାଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଖରୀ ଖୋଳାଯିବ ଏବଂ ବର୍ଷା ଦିନେ ଏହିସବୁ ପୋଖରୀରେ ଜଳ ସଞ୍ଚୟ କରାଯିବ ଯାହା ଖରାଦିନେ କାମରେ ଆସିବ। ଯୋଜନା ଓ ଚିନ୍ତାଧାରା ଉନ୍ନତ ଥିଲା। କିନ୍ତୁ ଏହାର କାର୍ଯ୍ୟକାରୀତା ଠିକ ଭାବେ ହୋଇନପାରିବାରୁ ଯୋଜନା କେବଳ କାଗଜପତ୍ରରେ ରହିଗଲା। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ୫୦ରୁ ଅଧିକ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରୁଛନ୍ତି ଏବଂ ଏହା ଉଭୟ କୃଷି ଏବଂ ଶିଳ୍ପ କ୍ଷେତ୍ରକୁ ଜଳଯୋଗାଣରେ ବ୍ୟବହୃତ ହେଉଛି। ଓଡ଼ିଶା ସରକାର ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ଓଡ଼ିଶାକୁ ବ୍ୟାରେଜ ନିର୍ମାଣ କରିବାକୁ କିଏ ମନା କରୁଛି ? ଛତିଶଗଡ଼ ଭଳି ଓଡ଼ିଶା ସରକାର ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀ ସମେତ ଅନ୍ୟାନ୍ୟ ସବୁ ଛୋଟ ବଡ଼ ନଦୀରେ ଯଦି ଏଭଳି ବ୍ୟାରେଜ ନିର୍ମାଣ କରିପାରନ୍ତେ ତେବେ ରାଜ୍ୟରେ ଜଳସଙ୍କଟ ଅନେକାଂଶରେ ଦୂର ହୋଇପାରନ୍ତା। ଏଥିଲାଗି ଅର୍ଥର ଅଭାବ ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥାଠାରୁ ଏଥିପାଇଁ ଅର୍ଥ ସଂଗ୍ରହ କରାଯିବା ଉଚିତ। ଛତିଶଗଡ଼ ମଧ୍ୟ ଏହା କରିଛି। ଶିଳ୍ପ ପ୍ରତିଷ୍ଠା ଲାଗି ଯେଉଁମାନେ ବିପୁଳ ପୁଞ୍ଜି ନିବେଶ କରୁଛନ୍ତି ସେମାନେ ଏହାର କିଛି ଅଂଶ ଜଳଭଣ୍ଡାର ନିର୍ମାଣରେ ବିନିଯୋଗ କରିପାରନ୍ତେ। ଏହିସବୁ ଜଳଭଣ୍ଡାରରୁ ସେମାନେ ବି ପାଣି ସଂଗ୍ରହ କରିପାରନ୍ତେ ଏବଂ କୃଷି କ୍ଷେତ୍ରକୁ ଜଳ ଯୋଗାଣ ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଲାଗି ଆଉ ହନ୍ତସନ୍ତ ହେବାକୁ ପଡ଼ନ୍ତା ନାହିଁ। ସ୍ଥଳ ବିଶେଷରେ ଛୋଟ ଛୋଟ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ର ବି ପ୍ରତିଷ୍ଠା ହୋଇପାରନ୍ତା। କିନ୍ତୁ ସରକାରଙ୍କର ଏଥିପ୍ରତି ଆନ୍ତରିକତା ନାହିଁ। ରାଜ୍ୟରେ ବିଭିନ୍ନ ଶିଳ୍ପ ସଂସ୍ଥା ଉପରେ ଶହ ଶହ କୋଟି ଟଙ୍କାର ଜଳକର ବାକି ପଡ଼ିଛି। ସେସବୁ ଆଦାୟ ନିମନ୍ତେ ପ୍ରୟାସ ହେଉନାହିଁ।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

> “ ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ୋସ, କୋଷ୍ଟାରିକା, କମନୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ମେଳିତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇର୍ଣ୍ଟର୍ଣ୍ଣିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ..

॥ ବିପିନ ବିହାରୀ ରାଉତ ॥

ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି।

ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମନ୍ଥିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଲେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା ! ! ଏହା ରୁଗ୍‌ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା ! ! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ।

ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍', କଟକ, ଦୂରଭାଷ : ୯୪୩୭୬୬୬୪୫୩

# କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ

॥ ଇଂ.ସମ୍ବିଦ ସାଇନାରାୟଣ ଭୂୟାଁ ॥

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା'ହେଉ ବିଗତ ଦୁଇ ଦଶନ୍ଧି ମଧରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ।

କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ। ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି। ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି। କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ ୯୪୩୯୮୬୫୪୩୧



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଭାଲୁ ପାଇଁ ପଡୁଛି ଟାଟି କବାଟ

କପ୍ତିପଦା, (ମହାଭାରତ) : ଭାଲୁ ପାଇଁ ହାତରେ ଠେଙ୍ଗା ବାଡ଼ି ଧରି ବୁଲୁଛନ୍ତି ଗ୍ରାମବାସୀ। ଭାଲୁ ଭୟରେ ସନ୍ଧ୍ୟା ହେଲେ ଗାଁ ରେ ପଡୁଛି ଟାଟି କବାଟ ।ପୁରା ଗ୍ରାମରେ ଏବେ ଭୟ ର ବାତାବରଣ। ଯାହାକି ଜଙ୍ଗଲୀ ଭାଲୁ ପାଇଁ ୮ ଦିନ ହେଲାଣି ନାକେଦମ ହେଲେଣି ଗ୍ରାମବାସୀ। କପ୍ତିପଦା ବନାଞ୍ଚଳ ବୈରାଟପୁର ଆଦି ଗ୍ରାମରେ ମାତିଛି ଭାଲୁ। ଭାଲୁ ଗ୍ରାମରେ ବୁଲୁଥିବାର ଦେଖି ଗ୍ରାମବାସୀ ଏବେ ଭୟଭୀତ। ଯେଉଁଥପାଇଁ ସଞ୍ଜ ହେଲେ ଗ୍ରାମରେ ପଡୁଛି ଟାଟି କବାଟ। ଆଉ ପରିବାର ସଦସ୍ୟ ଙ୍କୁ ଘରେ ରଖି ଘରର ପୁରୁଷମାନେ ଆସି ଗ୍ରାମ ମଝିରେ ଭାଲୁକୁ ଜଗି ବସୁଛନ୍ତି। କାହିଁକି ନା ଭାଲୁ ଗ୍ରାମରେ ପଶିଲେ ତାକୁ ଘଉଡ଼ାଇ ପାରିବେ। ସେପଟେ ବନ ବିଭାଗ ଗ୍ରାମ ମାନଙ୍କରେ ବୁଲି ଲୋକଙ୍କୁ ସଚେତନ କରିବା ପାଇଁ ମାଇକ ଯୋଗେ ପ୍ରଚାର କରୁଥିବା ବେଳେ ଭାଲୁ ଉପରେ ନଜର ରଖିଛି।

## ପ୍ରଚଣ୍ଡ ଗ୍ରୀଷ୍ମରେ ଏମ୍‌ଭି-୭୯ରେ ଜଳଛତ୍ର ନାହିଁ, ଅଚଳ ହୋଇପଡ଼ିଛି ପାନୀୟ ଜଳ ପଏଣ୍ଟ

ମାଲକାନଗିରି, (ମହାଭାରତ) : ଏପ୍ରିଲ ମାସରୁ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ତଣ୍ଡାବାଇ ଗ୍ରାମ ପଞ୍ଚାୟତ ଅଧୀନ ଏମ୍‌ଭି-୭୯ ଅଞ୍ଚଳରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଜଳଛତ୍ର ଖୋଲାଯାଇ ନଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମ୍‌ଭି-୭୯ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାପ୍ତାହିକ ହାଟ ରହିଥିବା ବେଳେ ପ୍ରତିଦିନ ଶତାଧିକ ଲୋକଙ୍କ ସମାଗମ ହେଉଛି। ତେବେ ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବ୍ଲକର ଅନେକ ପଞ୍ଚାୟତରେ ଦୁଇରୁ ତିନି ବର୍ଷ ତଳେ ସ୍ଥାପିତ ୱାଟର କୁଲର୍ ଓ ପାନୀୟ ଜଳ ପଏଣ୍ଟ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଥିବା ବେଳେ ତଣ୍ଡାବାଇ ପଞ୍ଚାୟତରେ ସ୍ଥାପିତ ଦୁଇଟି ପାନୀୟ ଜଳ ପଏଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ପଏଣ୍ଟଗୁଡ଼ିକ ସ୍ଥାପନା ଦିନଠାରୁ ଜଳ ବିଶୁଦ୍ଧିକରଣ ପାଇଁ ଆବଶ୍ୟକ ଆକ୍ୱାଗାର୍ଡ ବ୍ୟବସ୍ଥା ଠିକ୍ ଭାବେ କରାଯାଇ ନଥିଲା। ବିଶେଷକରି ଏମ୍‌ଭି-୭୯ ସାପ୍ତାହିକ ହାଟକୁ ଦୂରଦୂରାନ୍ତରୁ ଶତାଧିକ ଲୋକ ଆସୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳର କୌଣସି ବ୍ୟବସ୍ଥା ନ ଥିବା ଦୁଃଖଦ ବିଷୟ ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ସେହିପରି ସ୍ଥାନୀୟ ଚିକିତ୍ସାଳୟ ପରିସରରେ ଥିବା ପାନୀୟ ଜଳ ପଏଣ୍ଟ ମଧ୍ୟ ଅଚଳ ହୋଇପଡ଼ିଛି। ଥଣ୍ଡା ଓ ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ସେଠାରୁ କେବଳ ସାଧାରଣ ଜଳ ବାହାରୁଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଅଚଳ ପାନୀୟ ଜଳ ପଏଣ୍ଟଗୁଡ଼ିକର ମରାମତି କରିବା ସହିତ ଆବଶ୍ୟକ ହେଲେ ନୂତନ ୱାଟର କୁଲର୍ ସ୍ଥାପନ କରି ଗ୍ରୀଷ୍ମ ଦିନରେ ସାଧାରଣ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ବୋମା ମାଡ



ପାରାଦୀପ, (ମହାଭାରତ) : ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରେ ଉପରେ ଶନିବାର ଦିନ ସଂନ୍ଧ୍ୟାରେ ବୋମା ମାଡ ହୋଇଛି। ଗୋଟିଏ ମୋଟର ସାଇକେଲ୍‌ରେ ତିନି ଜଣ ଯୁବକ ଆସି ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ମଧୁବନସ୍ଥିତ ବାସଭବନ ଉପରେ ପେଟ୍ରୋଲ ବୋମା ପକାଇ ଫେରାର ହୋଇଯାଇଥିବା ଜଣା ପଡିଛି। ଖବର ପାଇ ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି । ବୋମା ମାଡ ହେବା ସମୟରେ ନଗରପାଳ ଶ୍ରୀ ବିଶ୍ୱାଳ ଘରେ ନଥିଲେ । ଘଟଣାରୁ ପ୍ରକାଶଯେ, ପାରାଦୀପର ସବୁ ବର୍ଗର ଲୋକମାନଙ୍କ ସମସ୍ୟାର ଆଶୁ ସମାଧାନ କରିବା ଦିଗରେ ଶ୍ରୀ ବିଶ୍ୱାଳଙ୍କ ଦକ୍ଷତା ରହିଛି । ଯେଉଁଥି ପାଇଁ ସେ ପାରଦୀପର ଘରେ ଘରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଦୁଇ ଦୁଇ ଥର ସେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ପାରିଛନ୍ତି । ପାରାଦୀପ ଅଂଚଳର ସେ ଜଣେ ଜଣାଶୁଣା ରାଜନେତା । ଛାତ୍ର ରାଜନିତିରେ ସେ ପାରାଦୀପ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ନିର୍ବାଚିତ ହେବା ପରେ ପାରାଦୀପ ବିଜ୍ଞାପିତ ଅଂଚଳ ପରିଷଦର ପାରିଷଦ, ପାରାଦୀପ ପୌର ପାଳିକାର ଉପାଧ୍ୟକ୍ଷ ଓ ଦୁଇ ଦୁଇ ଥର ନଗରପାଳ ଭାବେ ନିର୍ବାଚିତ ହୋଇ ନିଜର ଲୋକପ୍ରିୟତାର ପ୍ରମାଣ ଦେଇଛନ୍ତି । ତେବେ କିଏ କାହିଁକି ତାଙ୍କ ପରି ଲୋକପ୍ରିୟ ରାଜନେତାଙ୍କ ଘର ଉପରେ ବୋମା ମାଡ କଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ମନ କି ବାତ ଶୁଣିଲେ ସାଂସଦଙ୍କ ସହ କର୍ମୀ

ଆଳି, (ମହାଭାରତ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ପ୍ରତି ବୁଥରେ କାର୍ଯ୍ୟକର୍ତ୍ତା ମାନେ ଶୁଣୁଥିବା ବେଳେ ଆଳି ନିର୍ବାଚନ ମଣ୍ଡଳୀର ୧୯୧ ନମ୍ବର ବୁଥରେ ମନ କି ବାତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କ ସହ ଶୁଣିଛନ୍ତି । ନିଆଳ ଆଲିସା ମଣ୍ଡପ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଧାନସଭା ସଂଯୋଜକ ଅନନ୍ତ ରଥ ମଞ୍ଚ ପରିଚାଳନା କରିଥିଲେ। ସାଂସଦ ବୈଜୟନ୍ତ ପଣ୍ଡା,କେନ୍ଦ୍ରାପଡ଼ା ଜିଲ୍ଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଆଳି ବିଧାନସଭା ନେତା କୃଷ୍ଣଚନ୍ଦ୍ର ପଣ୍ଡା,ଆଶାଲତା ପଟ୍ଟନାୟକ, ଭକ୍ତବନ୍ଧୁ ମିଶ୍ର ପ୍ରମୁଖଙ୍କ ସହିତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଏହି ଅବସରରେ ଚଳିତ ଥର ମାଟ୍ରିକ ଟପର ହୋଇଥିବା ସୁଧାଂଶୁ ଶେଖର ରାଉତ, ଓଏଏସ ପାଇଥିବା ବିଶ୍ୱଜିତ ପଣ୍ଡା,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର,ଅବସର ପ୍ରାପ୍ତ ଅଧ୍ୟାପକ ପରମେଶ୍ୱର ଦାସ,ଆଦର୍ଶ ଚାଷୀ ପଦ୍ମନାଭ ପରିଡା,କଳା ସଂସ୍କୃତି କ୍ଷେତ୍ରରେ ପାଲାଗାୟକ ଦଶରଥ ରାଉତ,ଖବରଦାତା ଅଲେଖ ନାଥ ଶର୍ମାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ତପନ ପରିଡା,କଳ୍ପତରୁ ଦାସ,ରତିକାନ୍ତ ମହାନ୍ତି, ସରୋଜ କାନ୍ତ କର, ଦିଲ୍ଲୀପ ପରିଡା, ବରାହ ପଣ୍ଡା, ଅକ୍ଷୟ ଦାସ,ଶ୍ରୀକାନ୍ତ ବରଜ,ଶରତ ମହାନ୍ତି, ବୈଦନାଥ ମହାନ୍ତି ପରିଚାଳନା କରିଥିବା ବେଳେ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନୀୟ ଜଳ ସମସ୍ୟାକୁ ନେଇଁ ରାସ୍ତା ଅବରୋଧ କଲେ ବିଶ୍ୱନାଥପୁର ଧଅଁରାଭଟା କଲୋନୀ ପଡାର ମହିଳା

ଲାଞ୍ଜିଗଡ଼, (ମହାଭାରତ) : ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ପଞ୍ଚାୟତ ଧଅଁରାଭଟା କଲୋନୀ ପଡାରେ ଜଳସଂକଟ ଦେଖା ଦେଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ୪୫ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଧଅଁରାଭଟା କଲୋନୀ ପଡାର ମହିଳା ମାନେ ପାନୀୟ ଜଳ ସମସ୍ୟାକୁ ନେଇ ଆଜି ସକାଳୁ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ହାଣ୍ଡି, ଗରା, ବାଲ୍‌ଟି, ନଖି ଧରି ରାସ୍ତା ଅବରୋଧ କରିଥିଲେ ।ଯାହା ଫଳରେ ମୁଖ୍ୟ ରାସ୍ତାରେ ପ୍ରାୟ ୨ ଘଣ୍ଟା କାଳ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଥିଲା ।ଖବର ପାଇ ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।



ସୂଚନା ଅନୁସାରେ ବିଶ୍ୱନାଥପୁର ପଞ୍ଚାୟତ ଅଧୀନରେ ଥିବା ଧଅଁରାଭଟାର ଏହି କଲୋନୀ ପଡ଼ାରେ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆଜିକୁ ୪ଦିନ ହେଲା ପାନୀୟ ଜଳ ସମସ୍ୟା ଦେଖା ଦେଇଛି ।ପଡ଼ାରେ ଦୁଇଟି ନଳକୂପ ରହିଥିବା ବେଳେ ପାଣି ନିଅଁଷ୍ଟ ହେଉଛି ।ପଞ୍ଚାୟତ ପକ୍ଷରୁ ପାଇପ ଦ୍ୱାରା ଜଳ ଯୋଗାଣ ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ଅନ୍ୟ ସମୟ କେବଳ ୧୦ ମିନିଟ ପଡାବାସୀଙ୍କୁ ପାଣି ଦିଆଯାଇଛି ।ବର୍ତ୍ତମାନ ଆଜିକୁ ୪ ଦିନ ହେଲା ପଞ୍ଚାୟତ ପକ୍ଷରୁ ପାଣି ସମ୍ପୂର୍ଣ୍ଣ ଭାବେ ମିଳୁନଥିବା ଯୋଗୁଁ ପଡ଼ାରେ ଘୋର ଜଳ ସଙ୍କଟ ଦେଖା ଦେଇଛି ।ପଞ୍ଚାୟତ ଠାରୁ ବ୍ଲକ୍ ପର୍ଯ୍ୟନ୍ତ ଯାଇ ବାରମ୍ବାର ଗୁହାରୀ ଜଣାଇବା ସ୍ୱତ୍ୱେ ଏହାକୁ ନେଇ ବିଭିନ୍ନ ତ୍ରୁଟି ଦେଖାଉଛନ୍ତି ।ବାରମ୍ବାର ଅଭିଯୋଗ ପରେ କେହି କର୍ଣ୍ଣପାତ ନକରିବାରୁ ଆଜି ବିଶ୍ୱନାଥପୁର ଧଅଁରାଭଟା କଲୋନୀ ପଡାର ମହିଳା ମାନେ ପାନୀୟ ଜଳ ସମସ୍ୟାକୁ ନେଇ ବିଶ୍ୱନାଥପୁର ଠାରୁ ଲାଞ୍ଜିଗଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସକାଳ ୧୦ ଘଣ୍ଟା ସମୟରେ ହାଣ୍ଡି,ଗରା,ବାଲ୍‌ଟି,ନଖି ଧରି ମୁଖ୍ୟ ରାସ୍ତା ଅବରୋଧ କରିଥିବା ପ୍ରକାଶ କରିଛନ୍ତି ।ଯାହା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଥିଲା ।ଖବର ପାଇ ବିଶ୍ୱନାଥପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ପଡାକୁ ଆସନ୍ତା କାଲି ମେ ୩୧ ତାରିଖରୁ ଜୁନ ୨ ତାରିଖ ପର୍ଯ୍ୟନ୍ତ ଗୋଟିଏ ପାଣି ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଇ ଦିଆଯିବା ସହିତ ବିଦ୍ୟୁତ ସରବରାହ ଠିକ ଥିଲେ ପଞ୍ଚାୟତ ପକ୍ଷରୁ ୩୦ ମିନିଟ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ ।ଏହାପରେ ମହିଳା ମାନଙ୍କୁ ବୁଝାସୁଝା କରିବା ପରେ ପ୍ରାୟ ଦିନ ୧୨ ଘଣ୍ଟା ସମୟରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ପ୍ରକଳ୍ପ ଅଧିକାରର ନୂତନ ପଞ୍ଚାୟତ ପ୍ରସାରଣ ଉତ୍ସବ




ଦଶପଲ୍ଲା, (ମହାଭାରତ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନ ମଙ୍ଗଳ ଯୋଜନା ବିଷୟରେ ବଞ୍ଚିତ ଗରିବ ଆଦିମ ଅଧିବାସୀଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ବିଗତ ଦୁଇ ବର୍ଷ ହେଲା ଦଶପଲ୍ଲା ବ୍ଲକର ଦଶଟି ଗ୍ରାମ ପଂଚାୟରେ ପ୍ରକଳ୍ପ ଅଧିକାର ଉଲ୍ଲେଖନୀୟ ସଫଳତା ହାସଲ କରିବାରେ ସମର୍ଥ ହୋଇଛି। ଏହାର ସଫଳତା ଓ ହିତାଧିକାରୀଙ୍କ ଆବଶ୍ୟକତାକୁ ବିଚାର କରି ଚଳିତ ବର୍ଷ ଆଉ ପାଞ୍ଚୋଟି ପଛୁଆ ଗ୍ରାମ ପଂଚାୟତକୁ ପ୍ରକଳ୍ପ ଅଧିକାର ର କାର୍ଯ୍ୟକ୍ରମ ବ୍ୟାପକ କରାଯାଇଛି। ଅବହେଳିତ, ଆଦିବାସୀ ବହୁଳ, ପଛୁଆ, ଘୁଗୁଡ଼ିପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ରମେଶ ଚନ୍ଦ୍ର ସାହୁଙ୍କ ପୌରାହିତ୍ୟରେ, ଅବସରପ୍ରାପ୍ତ ପଂଚାୟତ ଅଧିକାରୀ ଓ ସମିତି ସଭ୍ୟାଙ୍କ ଉପସ୍ଥିତିରେ ପ୍ରକଳ୍ପ ଅଧିକାରର ପଞ୍ଚାୟତ ପ୍ରସାରଣ ଆଲୋଚନା ଚକ୍ର ସମ୍ପୃକ୍ତ ପଞ୍ଚାୟତ ସଭା ଗୃହରେ ରବିବାର ଦିନ ଅନୁଷ୍ଠିତ ହେଇଯାଇଛି ।ସିଆରପି ଉଷାରଣୀ ପ୍ରଧାନ ଓ ସୁଜାତା ସାହୁଙ୍କ ସମେତ ଏମବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ପ୍ରାଣୀ ମିତ୍ର, କୃଷି ମିତ୍ରଙ୍କ ସହିତ ମହିଳା ଗୋଷ୍ଠୀର ସଦସ୍ୟା ତଥା ଗ୍ରାମ ମୁଖ୍ୟ ଇତ୍ୟାଦି ଏ କର୍ମଶାଳରେ ସକ୍ରିୟ ଅଂଶ ଗ୍ରହଣ କରି ପ୍ରକଳ୍ପ ଅଧିକାର କାର୍ଯ୍ୟକ୍ରମ, ଲକ୍ଷ୍ୟ, ଉଦେଶ୍ୟ ଓ ପାଇଥିବା ସଫଳତାକୁ ପ୍ରଶଂସା କରିଥିଲେ ଏବଂ ଗାଁ ଗାଁ ରେ ଅଧିକାର ମିତ୍ରଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିଜ ନିଜର ମତାମତ ରଖିଥିଲେ ।ଅଧିକାର ମିତ୍ର ପ୍ରଦୀପ କୁମାର ସାହୁ କର୍ମଶାଳାକୁ ଆୟୋଜନ କରିଥିବା ବେଳେ ଅଧିକାର ମିତ୍ର ସରୋଜିନୀ ମଳିକ ଓ ମନୋରଞ୍ଜନ ସ୍ୱାଇଁ ଅଭିଜ୍ଞତା, ସଫଳତା ଓ କାର୍ଯ୍ୟଧାରା ବିଷୟରେ ବୁଝାଇଥିଲେ ।ପ୍ରକଳ୍ପ ପରିଚାଳକ ପ୍ରଭାତ କୁମାର ସାହୁ ପ୍ରକଳ୍ପ ଅଧିକାରର ଲକ୍ଷ୍ୟ, ଉଦେଶ୍ୟ, ଏହାର ଆବଶ୍ୟକତା ଓ ମିଳିଥିବା ସଫଳତାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିବା ବେଳେ ସରପଞ୍ଚ ଶ୍ରୀ ସାହୁ ଏ ପ୍ରକାର ସାଧୁ ଉଦ୍ୟମକୁ ଘୁଗୁଡ଼ିପଡ଼ା ଗ୍ରାମ ତରଫରୁ ପ୍ରତିଟି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ କରାଯିବବୋଲି ନିଜ ବକ୍ତବ୍ୟରେ କହିଥିଲେ ଏବଂ ଶେଷରେ ସମସ୍ତ ଅଧିକାର ମିତ୍ର,ଉପସ୍ଥିତ ପଞ୍ଚାୟତ ପ୍ରତିନିଧି ଓ ପାଞ୍ଚୟତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଉତ୍କଳ ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ସଂଘ ଗଜପତି ଶାଖାର ଆଗାମୀ ତିନି ବର୍ଷ ପାଇଁ କର୍ମକର୍ତ୍ତା ଚୟନ

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅଖିଳ ଉତ୍କଳ ଅଣଗେଜେଟେଡ଼ ପ୍ରାଣୀ ଚିକିତ୍ସା ବୈଷୟିକ ସଂଘ ଗଜପତି ଶାଖାର ଆଗାମୀ ତିନି ବର୍ଷ ପାଇଁ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତୁଷାରେନ୍ଦୁ ନାୟକ,ଜିଲ୍ଲା ସଭାପତି ଗୌରହରି ବେହେରା,ଅଣଗେଜେଟେଡ଼ ପ୍ରାଣୀ ଚିକିତ୍ସା ବୈଷୟିକ ସଂଘ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଇଉଠଙ୍ଗ ଡାକ୍ତର ଶ୍ରବଣ କୁମାର ଆଚାରି ରାଜ୍ୟ ସାଧାରଣ ସମ୍ପାଦକ ଲଳିତେନ୍ଦୁ ଦଳାଇ,ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାସ ପ୍ରମୁଖ ମଞ୍ଚାସିନ ଥିଲେ ।ପ୍ରଥମେ ପତାକା ଉତ୍ତୋଳନ କରାଯାଇଥିଲା ପରେ ସାଧାରଣ ସଭା ପରେ ଗଜପତି ଜିଲ୍ଲା ଶାଖା ସଂଘର କର୍ମକର୍ତ୍ତା ଚୟନ ହୋଇ ଥିଲା। ଜିଲ୍ଲା ସଭାପତି ଭାବେ ଗୌର ହରି ବେହେରା ଚୟନ ହୋଇ ଥିବା ବେଳେ ଉପ ସଭାପତି ଶ୍ରୀ ଜଗନ୍ନାଥ ରଥ ଓ ଣ ଧନ ଲକ୍ଷ୍ମୀ ଚୟନ ହୋଇଛନ୍ତି ସେହିପରି ଜିଲ୍ଲା ସମ୍ପାଦକ ଭାବେ ଣ ଶ୍ୟାମ ସୁନ୍ଦରମ୍, ଯୁଗ୍ମ ସମ୍ପାଦକ ସାନମୁଖ ପାଲକା କୋଷାଧ୍ୟକ୍ଷ ରାଜେଶ କୁମାର ପାଇକ ସଙ୍ଗଠକ ପି କାର୍ତ୍ତିକ କୁମାର ପ୍ରମୁଖ ତିନି ବର୍ଷ ପାଇଁ ଚୟନ ହୋଇଛନ୍ତୀ।

## ୭ ଜଣ ମାନସିକ ଭିନ୍ନକ୍ଷମଙ୍କୁ ଉଦ୍ଧାର ଓ ଥଇଥାନ କଲା ବ୍ୟାସ ଫାଉଣ୍ଡେସନ





ପାରାଦୀପ, (ମହାଭାରତ) : ଦୀର୍ଘ ବର୍ଷ ହେବ ବ୍ୟାସ ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଙ୍କ ସେବା କାର୍ଯ୍ୟ ନିର୍ଦ୍ଦିଷ୍ଟ ଭାବେ ଅସହାୟ ମାନସିକ ଭିନ୍ନକ୍ଷମ ଙ୍କୁ ଉଦ୍ଧାର, ଚିକିତ୍ସା ଓ ଥଇଥାନ ବ୍ୟବସ୍ଥା ସାଧାରଣରେ ବେସ ଲୋକାଦୃତ ହୋଇପାରିଛି। ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ନେତୃତ୍ୱ ରେ ସଂଗଠନ ର କର୍ମକର୍ତ୍ତା ମାନେ ଗ୍ରୀଷ୍ମ ତାପ କୁ ଖାତିର ନ କରି ମାନବ ସେବା ହିଁ ମାଧବ ସେବା ଏହି ନୀତି କୁ ବାସ୍ତବ ରେ ରୂପାୟନ କରିବା ପାଇଁ ନିଜ କାର୍ଯ୍ୟଦକ୍ଷତା ରେ ପ୍ରମାଣିତ କରିଛନ୍ତି। ସମ୍ଭବତଃ ମାନସିକ ଭିନ୍ନକ୍ଷମ ଙ୍କୁ ଉଦ୍ଧାର ଓ ଥଇଥାନ କରିବାରେ ବ୍ୟାସ ଫାଉଣ୍ଡେସନ ରାଜ୍ୟ ର ଏକ ମାତ୍ର ପ୍ରମୁଖ ସଂଗଠନ । ଏହି ପରିପ୍ରେକ୍ଷୀରେ ପାରାଦୀପ ର ସାମ୍ବାଦିକ ଏବଂ ଶ୍ରମିକ ନେତା ତଥା ଗ୍ରୀନ ପାରାଦୀପ ଟ୍ରଷ୍ଟ ର ସଭାପତି ରାକେଶ ପଟ୍ଟନାୟକ,ପାରାଦୀପ ବଡ଼ ପଡ଼ିଆ ବଣିକ ସଂଘ ର ପ୍ରାକ୍ତନ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବୋଧାନରେ ରବିବାର ଦିନ ପାରାଦୀପ ଅଞ୍ଚଳ ରୁ ୭ ଜଣ ମାନସିକ ଭିନ୍ନକ୍ଷମ ଙ୍କୁ ଶ୍ରୀମତୀ ଆଚାର୍ଯ୍ୟ,ବ୍ୟାସ ବିଷ୍ଣୁ ସ୍ନେହ ।ଳୟ ର ସଭାପତି ପଣ୍ଡିତ ଡାକ୍ତର ସିଦ୍‌ଧେଶ୍ୱର ପଣ୍ଡା,ଉପସଭାପତି ଶିଶିର କୁମାର କର ,ସଭ୍ୟ ବିଶ୍ୱଜିତ୍ କର, ପ୍ରମୁଖ ଉଦ୍ଧାର କରି ନୀଳାଚଳ ସେବା ପ୍ରତିଷ୍ଠାନ କଣାସ ଠାରେ ସୁଜତ୍ନ ଭାବେ ଥଇଥାନ କରିବା ରେ ସକ୍ଷମ ହୋଇପାରିଛନ୍ତି। ସାଧାରଣତଃ ଏହି ମାନସିକ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ମାନଙ୍କୁ ଦେଖିଲେ ସାଧାରଣ ରେ ମାନସିକ ଭାବେ ଏକ ଘୃଣା ଭାବ ସୃଷ୍ଟି ହୋଇଥାଏ ମାତ୍ର ସଂଗଠନ ର କର୍ମକର୍ତ୍ତା ମାନେ ଏପରି ବ୍ୟକ୍ତି ବିଶେଷ ଙ୍କୁ ଯେଉଁ ଭଳି ଭାବେ ଉଦ୍ଧାର କରୁଛନ୍ତି,ସେମାନଙ୍କ ପ୍ରତି ଉଦାର ମନୋଭାବ ପ୍ରଦର୍ଶନ କରୁଛନ୍ତି ବାସ୍ତବିକ୍ ତାହା ପ୍ରଶଂସନୀୟ। ସଂଗଠନ ର ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା, କୋଷାଧକ୍ଷ ଶରତ ଚନ୍ଦ୍ର ଦାଶ,ରଞ୍ଜନ କୁମାର ପ୍ରଧାନ,ଦେବେନ୍ଦ୍ର କୁମାର ମଲ୍ଲିକ,ବିଶିଷ୍ଟ ସମାଜ ସେବୀ ତଥା କୁଜଙ୍ଗ ସାଇ ମନ୍ଦିର ର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ସାମନ୍ତରାୟ ପ୍ରମୁଖ ଆଜି ର ଉଦ୍ଧାର କାର୍ଯ୍ୟ ରେ ଉପସ୍ଥିତ ନଥିଲେ ମଧ୍ୟ ଅଧ୍ୟକ୍ଷା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଙ୍କ ଦୁଃସାହସିକ ପଦକ୍ଷେପ କୁ ପ୍ରଶଂସା କରିଛନ୍ତି।

## ପାଟଣା ଠିକାଦାର ସଂଘ ପକ୍ଷରୁ ବନ୍ଧୁ ମିଳନ ସହ ସ୍ୱତନ୍ତ୍ର ବୈଠକ

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଠିକାଦାର ସଂଘ ପକ୍ଷରୁ ବନ୍ଧୁ ମିଳନ ସହ ଏକ ସ୍ୱଦନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଛି। ଏହି ବୈଠକ ବରିଷ୍ଠ ଠିକାଦାର ମାଧବାନନ୍ଦ ପୃଷ୍ଟି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଛି। ଉକ୍ତ ବୈଠକ ର ମୁଖ୍ୟ ଉଦ୍ଦେଶ୍ୟ ପାଟଣା ବ୍ଲକ ରେ ସରକାରୀ କ୍ଷେତ୍ର ରେ ଟେଣ୍ଡର ନିମନ୍ତେ ନିର୍ମାଣ କାର୍ଯ୍ୟ ପ୍ରକାଶ ପାଇବ ତାହା କୁ ସେହି ବ୍ଲକ ର ଲାଇନ୍ସ ପ୍ରାପ୍ତ ଠିକାଦାର ହି ଟେଣ୍ଡର ପାଇଁ ଆବେଦନ କରିପାରିବେ। ପ୍ରଥମ ତ ଅନ୍ୟତର ବ୍ଲକ ର ଲାଇନ୍ସ ପ୍ରାପ୍ତ ଠିକାଦାର ଟେଣ୍ଡର ପାଇଁ ଆବେଦନ କରିପାରିବ ନାହିଁ। ଦ୍ୱିତୀୟ ରେ ନିର୍ମାଣ କାର୍ଯ୍ୟ ପାଇଁ ସମସ୍ତ ଠିକାଦାର ନିର୍ଦ୍ଧାରିତ ଏକ ଶତକଡା ହାରେ କାର୍ଯ୍ୟ ନିମନ୍ତେ ଫର୍ମ ଆବେଦନ କରିବାକୁ ଠିକାଦାର ସଂଘ୍ ର ସଭାପତି ଦୀପକ କୁମାର ମଣ୍ଡଳ ଓ ସଂପାଦକ ପ୍ରକାଶ କୁମାର ସେଠୀ ତଥା ଉପସ୍ଥିତ ସଦସ୍ୟ ଙ୍କ ମତ ରେ ସଂଘ ପକ୍ଷ ରୁ ନିଷ୍ପତ୍ତି ନିଆଯାଇଛି।

## କାରାଗାରରେ ବ୍ୟାପକ ଅବ୍ୟବସ୍ଥା : ପାଟି ଫିଟାଇଲେ 'ସେଲ-୪', ଖାଦ୍ୟର ମାନ ଓ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ଉଠିଲା ପ୍ରଶ୍ନ

ନୟାଗଡ, ( ମହାଭାରତ ) : ପୁଣି ବିବାଦରେ ନୟାଗଡ଼ ଜିଲ୍ଲା କାରାଗାର ତଥା ଜେଲ୍। ଅନ୍ତେବାସୀ ମାନଙ୍କୁ ଦିଆଯାଉଥିବା ଖାଦ୍ୟକୁ ନେଇ ଏବେ ଉଠିଛି ପ୍ରଶ୍ନ। ଏହାକୁ ନେଇ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିଥିଲେ ମଧ୍ୟ ଏ ନେଇ ପାଟି ଖୋଲିବାକୁ କେହି ସାହସ କରୁ ନାହାନ୍ତି। ଯିଏ ପାଟି ଖୋଲୁଛି, ତାକୁ ଜେଲ୍ କର୍ତ୍ତୃପକ୍ଷ ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ଜେଲ୍‌ରେ ବିଜୁଳି ସେବା ବ୍ୟାହାତ ହେଲେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ ନାହିଁ। ଫଳରେ ଘଣ୍ଟା ଘଣ୍ଟା ଧରି ଅନ୍ତେବାସୀ ମାନେ ଅନ୍ଧାରରେ ରହୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଜେଲ୍‌ରେ ବର୍ତ୍ତମାନ ଉଭୟ ପୁରୁଷ ଓ ମହିଳାଙ୍କୁ ମିଶାଇ ମୋଟ୍ ୨୩୬



ଜଣ କଏଦୀ ରହିଛନ୍ତି। ସରକାରୀ ନିର୍ଦ୍ଦେଶ ମୁତାବକ, ସପ୍ତାହକୁ ଦୁଇରୁ ତିନି ଥର ଆମିଷ ଓ ଅନ୍ୟ ଦିନ ଗୁଡ଼ିକ ରେ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ମାତ୍ର ଏହି ଖାଦ୍ୟର ମାନ ଅତ୍ୟନ୍ତ ନିମ୍ନମାନର ହେଉଥିବା ଜେଲ୍‌ରୁ ଜାମିନରେ ଆସିଥିବା ଜଣେ ଅନ୍ତେବାସୀ ପ୍ରକାଶ କରିଛନ୍ତି। ଯେଉଁଦିନ କେହି ବରିଷ୍ଠ ଅଧିକାରୀ ଜେଲ୍ ପରିଦର୍ଶନରେ ଆସୁଥିବା ଜଣାପଡୁଛି, ସେ ଦିନ ହିଁ ଠିକ୍ ଭାବେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଫଳରେ ପରିଦର୍ଶନ କରୁଥିବା ଅଧିକାରୀ ମାନେ ଜେଲ୍ ଖାଦ୍ୟକୁ ନେଇ କୌଣସି ଆପତ୍ତି ଉଠାଉ ନାହାନ୍ତି। ଏହାସହ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଜେଲ୍‌ରେ ବିଜୁଳି ବିଭ୍ରାଟ ଘଟିଲେ ବିନା ଫ୍ୟାନ୍‌ରେ ଅନ୍ତେବାସୀ ମାନେ ଚଳିବା ମୁସ୍କିଲ ହେଉଛି। ଜେଲ୍‌ରେ ଗୋଟିଏ ଡିଜି ଓ ଇନଭର୍ଟର୍ ବ୍ୟବସ୍ଥା ରହିଛି। ଡିଜିକୁ ଜେଲ୍ କାର୍ଯ୍ୟାଳୟରେ ସଂଯୋଗ କରାଯାଇଥିବା ବେଳେ ୱାର୍ଡ ଗୁଡ଼ିକ ପାଇଁ ଇନଭର୍ଟର୍ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ଇନ୍‌ଭର୍ଟର୍ ଗୁଡ଼ିକୁ ମରାମତି କରାଯାଉ ନାହିଁ। ବିଜୁଳି କଟିଗଲେ, ଏହା ଅଧିକ ସମୟ କାର୍ଯ୍ୟ କରିପାରୁ ନାହିଁ। କିଛିଦିନ ତଳେ ହୋଇଥିବା କାଳବୈଶାଖୀ ଯୋଗୁଁ ଜେଲ୍ ୱାର୍ଡ ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅନ୍ଧାରରେ ରହିଥିଲା। ଏହାକୁ ବାଦ୍ ଦେଲେ ଜେଲ୍ ?ରେ ବ୍ୟାପକ ଅବ୍ୟବସ୍ଥା ରହିଛି। ପାର୍ଟି ଖୋଲିଲେ ଜେଲ୍‌ରେ ଥିବା ଏକ ସ୍ୱତନ୍ତ୍ର କୋଠରୀ 'ସେଲ୍-୪' ରେ ଭର୍ତ୍ତି କରିବାକୁ ଅନ୍ତେବାସୀ ମାନଙ୍କୁ ଧମକ ଦିଆଯାଉଛି। ଏହି କୋଠରୀରେ ରହୁଥିବା ଅନ୍ତେବାସୀ ମାନଙ୍କୁ ବାହାରକୁ ଆସିବାକୁ ସୁଯୋଗ ମିଳେ ନାହିଁ। ଅନ୍ୟ କୋଠରୀରେ ଥିବା କଏଦୀ ମାନଙ୍କୁ ଜେଲ୍ ପରିସରରେ ଯେତିକି ସମୟ ବୁଲାବୁଲି କରିବାକୁ ସୁଯୋଗ ମିଳୁଛି, 'ସେଲ୍-୪' ରେ ଥିବା କଏଦୀ ମାନଙ୍କୁ ଏହି ସୁଯୋଗ ମିଳେ ନାହିଁ। ଫଳରେ ଏହି ସେଲ୍‌ର ଚାରିକାନ୍ଥ ଭିତରେ ରହୁଥିବା କଏଦୀଙ୍କୁ ସୂର୍ଯ୍ୟ ଦେଖିବା ଅସମ୍ଭବ ହୋଇପଡ଼େ। ଏଣୁ ଭୟରେ କେହି ବି ପାଟି ଖୋଲନ୍ତି ନାହିଁ। ଏଣୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଉପରିସ୍ଥ ଅଧିକାରୀ ମାନେ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଜେଲ୍ ଅଧୀକ୍ଷକ ବାବୁଲି ବାରିକ ଏ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଜେଲ୍ ଭିତରକୁ ଅଧିକାଂଶ ସମୟରେ ବିଭିନ୍ନ ବିଭାଗର ଉପରିସ୍ଥ ଅଧିକାରୀ ମାନେ ପରିଦର୍ଶନରେ ଆସି ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରିଛନ୍ତି ଓ ଭଲ ରିପୋର୍ଟ ମଧ୍ୟ ପ୍ରଦାନ କରିଛନ୍ତି। କିଛି କଏଦୀ ସ୍ୱତନ୍ତ୍ର ସୁବିଧା ମାଗୁଛନ୍ତି। ସେମାନଙ୍କୁ ସୁଯୋଗ ନମିଳିଲେ ଏମିତି ମିଥ୍ୟା ପ୍ରଚାର କରୁଛନ୍ତି।

## ଖଣି ବିଭାଗର ଚଢାଉ: ୧୧ ହାଇଓ୍ବା ଓ ୪ ଟ୍ରାକ୍ଟର ଜବତ

ଜଳେଶ୍ୱର:ବାଲେଶ୍ୱର ଖଣି ବିଭାଗ ପକ୍ଷରୁ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧୦ଟି ହାଇଓ୍ବା ଓ ୪ଟି ଟ୍ରାକ୍ଟର ଜବତ କରାଯାଇଛି। ଜବତ ଗାଡ଼ିଗୁଡିକରେ ବାଲି,ମାଟି,ମୋରମ ବୋଝେଇ ହୋଇ ଯାଉଥିଲା ବୋଲି କୁହାଯାଇଛି।ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଗତକାଲି ରାତି ଦୁଇଟା ସମୟରେ ବାଲେଶ୍ୱରଜିଲ୍ଲା ଖଣି ଅଧିକାରୀ ଜଗନ ବେହେରା ଓ ରୋହିତ ସାମଲଙ୍କ ନିର୍ଦ୍ଦେଶରେ କନିଷ୍ଠ ଖଣି ଅଧିକାରୀ ତାପସ ବେହେରା, ସତ୍ୟ ଚିନ୍ମୟ ଜେନାଙ୍କୁ ମିଶାଇ ମୋଟ ୫ ଜଣ କନିଷ୍ଠ ଖଣି ଅଧିକାରୀ ଦୁଇଟି ଟିମରେ ବିଭକ୍ତ ହୋଇ ଚଳନ୍ତି ସ୍ଥିତ ବ୍ରିଜ ତଳେ ଓ ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ପୋଲ ତଳୁ ୩ ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଥିଲା। ସେହିପରି ଜାତୀୟ ରାଜପଥରୁ ମଧ ୮ ଟି ମୋରମ ବୋଝେଇ ହାଇଓ୍ବା ଓ ୩ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଜବତ ଗାଡ଼ି ଗୁଡିକୁ ଲକ୍ଷ୍ମଣନାଥ ରୋର୍ଡ କୋର୍ଟ ସନ୍ନିକଟ ଷ୍ଟକ ୟାର୍ଡକୁ ନିଆଯାଇଛି।

## ରଣପୁରରେ ୪୦୦ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ରଣପୁର: ନୟାଗଡ଼ ଜିଲ୍ଲା ରଣପୁର ଅବକାରୀ ଥାନା ଅଞ୍ଚଳରେ ବ୍ରାଉନ ସୁଗାର କବଳରେ ଯୁବ ଗୋଷ୍ଠୀ ଉବୁଟୁବୁ ହୋଇ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହେଉଛି।ଦୋକାନ ଠାରୁ ପାନ ଦୋକାନ ପର୍ଯ୍ୟନ୍ତ ସବୁଠାରେ ବ୍ରାଉନ ସୁଗାର ବିକ୍ରୟ ଚାଲିଛି। ରଣପୁର ଅବକାରୀ ଥାନା ସବୁ ଜାଣି କର୍ମଚାରୀ ଅଭାବ ଆଳ ଦେଖାଇ ଅଫିସ ରେ ତାଲା ଝୁଲାଇ ଭଡା ଘରେ ଶୋଇ ରହୁଥିବା ଅଭିଯୋଗ ହେଉଛି। କେନ୍ଦ୍ରାଞ୍ଚଳ ଅବକାରୀ ସ୍କ୍ୱାର୍ଡ ରଣପୁର ଅଞ୍ଚଳରେ ବ୍ରାଉନ ସୁଗାର ଧରିବା ଦ୍ୱାରା ରଣପୁର ଅବକାରୀ ଥାନାର କାର୍ଯ୍ୟକାରିତା ନେଇ ସନ୍ଦେହ ପ୍ରକଟ ହେଉଛି।

## ଗଣିଆରେ ବିଦ୍ୟୁତ ସମସ୍ୟା ନେଇ କଂଗ୍ରେସର ବିକ୍ଷୋଭ

ଗଣିଆ: ଗଣିଆ ଅଞ୍ଚଳରେ ଦୀର୍ଘ ଦିନ ହେବ ଲାଗି ରହିଥିବା ଅଘୋଷିତ ବିଦ୍ୟୁତ କାଟ ଏବଂ ଲୋ-ଭୋଲଟେଜ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି କଂଗ୍ରେସ ତରଫରୁ ସ୍ଥାନୀୟ ବିଦ୍ୟୁତ ଅଫିସ ଘେରାଉ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ କଂଗ୍ରେସର ବହୁ ନେତା ଓ ଶତାଧିକ କର୍ମୀ ସାମିଲ ହୋଇ ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟାନୁଷ୍ଠାନ ବିରୁଦ୍ଧରେ ପ୍ରବଳ ସ୍ଲୋଗାନବାଜି କରିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ଅସହ୍ୟ ଗରମ ସମୟରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଲୋ-ଭୋଲ୍ଟେଜ ଯୋଗୁଁ ଘରୋଇ ଉପକରଣ ଗୁଡ଼ିକ ନଷ୍ଟ ହେବା ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସ□ତ୍ତ୍ୱ କୌଣସି ସୁଫଳ ନମିଳିବାରୁ କଂଗ୍ରେସ ଆଜି ରାଜପଥକୁ ଓହ୍ଲାଇବା ସହ ଅଫିସ ଘେରାଉ କରିବାକୁ ବାଧ୍ୟ ହୋଇଛି ବୋଲି ଦଳୀୟ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଶେଷରେ, କଂଗ୍ରେସ ପ୍ରତିନିଧି ଦଳ ତରଫରୁ ବିଦ୍ୟୁତ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା କିଛି ଦିନ ମଧ୍ୟରେ ଯଦି ଏହି ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲ୍ଟେଜ ସମସ୍ୟାର ସମାଧାନ କରାନଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମାଲକାନଗିରିରେ ଆରମ୍ଭ ହେଲା ସୁଆଦିଆ ଆମ୍ବର ମେଳା



ମାଲକାନଗିରି(ମହାଭାରତ): ସହରର ସ୍ଥାନୀୟ ପୁରୁଣା ମେଡିକାଲ ପଡ଼ିଆ ଏବେ ପାଚିଲା ଆମ୍ବର ମହକରେ ମହକୁଛି। ଜିଲ୍ଲା ପ୍ରଶାସନ ଓ ଓର୍ମାସ ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଆମ୍ବ ମେଳା କେବଳ ସୁଆଦିଆ ଆମ୍ବ ବିକ୍ରିର ମାଧମ ସାଜିନାହିଁ, ବରଂ ଏହା ମାଲକାନଗିରିର ଆଦିବାସୀ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଫଳତାର ଏକ ଜୀବନ୍ତ ଉଦାହରଣ ପାଲଟିଛି।ଗତ ୩୦ ମେ'ରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ କହିଛନ୍ତି, ଆମ ଜିଲ୍ଲାର ପ୍ରାକୃତିକ ପରିବେଶରେ ଉତ୍ପନ୍ନ ଆମ୍ବର ଚାହିଦା ବହୁତ ରହିଛି।

## ଦାଦା ବଟି ନ ଦେବାରୁ କାତିରେ ଆକ୍ରମଣ: ଥାନାରେ ଅଭିଯୋଗ

ଆସିକା: ଆସିକା ଥାନା ଅଧୀନ ପାକିଡ଼ି ବାଲିଘାଟ ହିଟାଚି ଡ୍ରାଇଭର ଓ ତାଙ୍କ ସହଯୋଗୀଙ୍କୁ ଦାଦା ବଟି ମାଗିଲେ ନଦେଲେ ହତ୍ୟା ଧମକ ଦେବା ଅଭିଯୋଗରେ ସମ୍ପୃକ୍ତ ଡ୍ରାଇଭର ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଆସିକା ପୋଲିସ ଏହାର ତଦନ୍ତ ଚଳାଇଛି। ପ୍ରକାଶ ଥାଉକି ଆସିକା ଥାନା ଅଧିନ ପାକିଡ଼ି ବାଲିଘାଟରେ ବାଲୁଗାଁ ଥାନା ଅଞ୍ଚଳର ଅଶୋକ କୁମାର ପୋଲାଇ (୩୪) ହିଟାଚି ଡ୍ରାଇଭର ଭାବେ କାମ କରନ୍ତି। ଗତକାଲି ରାତ୍ର ସମୟରେ ପାକିଡ଼ି ଗ୍ରାମର କାଳୀ ଚରଣ କରଣ ଓ ସୁଦର୍ଶନ କରଣ ହଠାତ ହାତରେ କାତି ଓ ଲୁହାପାଇପ ଧରି ବାଲି ଘାଟକୁ ଆସି ସମ୍ପୃକ୍ତ ଡ୍ରାଇଭର ଓ ସେଠାରେ କାମ କରୁଥିବା ଦୁଇ କର୍ମଚାରୀ ଚରଣ ବିଶ୍ୱାଳ ଓ ଶ୍ୟାମ ସାହୁଙ୍କୁ ମାସିକ ଏକ ଲକ୍ଷ ଟଙ୍କା ଦାଦା ବଟି ମାଗିଥିଲେ। ପରେ କାଳିଚରଣ ହିଟାଚି ଡ୍ରାଇଭର କୁ କାତି ରେ ଆକ୍ରମଣ କରିଥିଲେ। ଅଶୋକ ଘଟଣା ସ୍ଥଳରୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ଅନ୍ୟପଟେ ଅନ୍ୟ ଦୁଇ କର୍ମଚାରୀଙ୍କୁ ଦୁର୍ବୃତ୍ତ ମାନେ ଲୁହା ପାଇପରେ ଆକ୍ରମଣ କରିଥିଲେ। ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ଡ୍ରାଇଭର ଅଶୋକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।ଅଭିଯୋଗ କୁ ଭିତ୍ତି କରି ଆସିକା ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଥାଉକି କିଛି ବର୍ଷର ନୀରବତା ପରେ ଆସିକା ଅଞ୍ଚଳରେ ପୁଣି ହତ୍ୟା, ରାହାଜାନି, ଦୁଷ୍କର୍ମ, ଦାଦା ବଟି ମାଗିବା ଭଳି ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଛି। ଗୋଟିଏ ପଟେ ଜିଲ୍ଲାରେ ପୋଲିସ ଏନକାଉଣ୍ଟର ପରେ ଏନକାଉଣ୍ଟର କରିବାକୁ ଲାଗିଥିଲା ବେଳେ ଅପରାଧୀ ମାନେ ପୋଲିସ କୁ ଖୋଲା ଚ୍ୟାଲେଞ୍ଜ କରି ଦିନ ଦ୍ୱିପ୍ରହରରେ ଅପରାଧିକ କାର୍ଯ୍ୟକଳାପକୁ କରିଚାଲିଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଏକ ଭୟର ବାତାବରଣ ମଧ୍ୟରେ ଗତି କରୁଥିବା ଅନୁମେୟ ହେଉଛି। ଜିଲ୍ଲା ପ୍ରଶାସନ ଓ ଗୃହ ବିଭାଗ ଏହି କାର୍ଯ୍ୟକଳାପ ଉପରେ ଲଗାମ ନାଲଗାଏ ତେବେ ଅପରାଧୀ ମାନେ ଅଳ୍ପ ଦିନ ମଧ୍ୟରେ ଜଙ୍ଗଲରାଜ ଚଳାଇବା କିଛି ବଡ କଥା ନୁହେଁ।

## ଗଜପତିରେ ନୂତନ ଏସପିଙ୍କ ଦାୟିତ୍ୱ ଗ୍ରହଣ

ଗଜପତ(ମହାଭାରତ): ଗଜପତି ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ (ଏସ୍ପି) ଭାବେ ପ୍ରହଲ୍ଲାଦ ସହାୟ ମୀନା କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ମୀନା ୨୦୧୭ ବ୍ୟାଚର ଆଇପିଏସ୍ ଓ ସେ ବରଗଡ଼ ଏସ୍ପି ଭାବେ ଅବସ୍ଥାପିତ ଚଳିତ ମାସ ରାଜ୍ୟ ସରକାର ଆଇପିଏସ୍ ଓପିଏସ୍ ସ୍ତରରେ ଅଦଳବଦଳ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ମୀନାଙ୍କୁ ଗଜପତି ଜିଲ୍ଲାଗ ଆରକ୍ଷୀ ଅଧୀକ୍ଷକ ଭାବେ ନିଯୁକ୍ତ କରିଥିଲେ ।ଏଥି ପୂର୍ବରୁ ଗଜପତି ଜିଲ୍ଲାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମାର୍ଚ୍ଚ ଶେଷରେ ଅବସର ଗ୍ରହଣ କରିଥିଲେ।

# ପାନପୋଷ-ଯମୁନାନାକି ସେତୁର ଭାଗ୍ୟ ଫିଟୁନି

## ଷଷ୍ଠ ଥର ପାଇଁ ନିର୍ମାଣ ଅବଧି ଘୁଞ୍ଚିଲା



ରାଉରକେଲା: ଦୁଇ ଶିଳ୍ପାଞ୍ଚଳ ରାଉରକେଲା ଓ କୁଆରମୁଣ୍ଡାକୁ ସଂଯୋଗ କରିବ ପ୍ରସ୍ତାବିତ ସେତୁ୍ୟ ଏହାଦ୍ୱାରା କେବଳ ଗମନାଗମନ ସୁଗମ ହେବନି। ବରଂ ସଙ୍କୁଚିତ ଅବସ୍ଥାରେ ଥିବା ରାଉରକେଲା ସହର ସଂପ୍ରସାରିତ ହେବ। ବୃହତ ରାଉରକେଲାର ସ୍ୱପ୍ନ ପୂରଣ ପାଇଁ ପଥ ଖୋଲିବ। ତେବେ ଥରେ କି ଦୁଇଥର ନୁହେଁ; ବରଂ ୬ ଥର ନିର୍ମାଣ ଅବଧି ବଦଳିଲାଣି। ପ୍ରକଳ୍ପ ୨୦୨୨ ମସିହାରେ ସଂପୂର୍ଣ୍ଣ ହେବାନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଏବେ କିନ୍ତୁ ଏଥିରେ ପୁନର୍ବାର ପରିବର୍ତ୍ତନକରି ୨୦୨୭ ମାର୍ଚ୍ଚକୁ ବୃଦ୍ଧି କରାଯାଇଛି।୨୦୨୦ ମସିହାରେ କୋଏଲ ନଦୀ ଉପରେ ପାନପୋଷ-ଯମୁନାନାକିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ସେତୁ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠି ଅନୁମୋଦିତ ୨୮.୮୫ କୋଟି ଟଙ୍କା ବିନିଯୋଗରେ ସେତୁ ନିର୍ମାଣ ହେଉଛି। ପୂର୍ତ୍ତ ବିଭାଗର ରାସ୍ତା ଓ କୋଠା ଡିଭିଜନ ଦ୍ୱାରା ଠିକା ସଂସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପ ୨୦୨୨ ଡିସେମ୍ବର ଭିତରେ ଶେଷ କରିବାକୁ କାର୍ଯ୍ୟାଦେଶ ବଣ୍ଟନବେଳେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ପ୍ରକଳ୍ପ ଏବେ ବେଗ ଧରିପାରୁନି। ବର୍ତ୍ତମାନ ସେତୁର ଅଗ୍ରଗତି ଦେଖିଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚିରାଚରିତ ଅବହେଳା ଓ ଅପାରଗତା ସ୍ପଷ୍ଟ ପରିଲକ୍ଷିତ ହୁଏ। ମୋଟ ୧୪ଟି ସ୍ଲାବ୍ ମଧ୍ୟରୁ ୬ଟି ସ୍ଲାବ୍ ନିର୍ମାଣ ହୋଇନି। ସେହିଭଳି ୩ଟି ପିଲର୍ ନିର୍ମାଣ ସଂପୂର୍ଣ୍ଣ ହୋଇନି। ଏମିତିକି ଗୋଟିଏ ପିଲର୍ କାମ ଆରମ୍ଭ ବି ହୋଇପାରିନି। ବାକି ଥିବା ଗୋଟିଏ ପିଲର୍ର ପରିବର୍ତ୍ତିତ ଡିଜାଇନକୁ ଏଯାଏ ଅନୁମୋଦନ ମିଳିନଥିବା ଜଣାପଡ଼ିଛି।ପ୍ରାୟ ତିନି ବର୍ଷ ପୂର୍ବେ ନଦୀ ଗର୍ଭରେ ୱେଲ୍ ଫାଉଣ୍ଡେସନ୍ ଜରିଆରେ ୩ଟି ପିଲର ନିର୍ମାଣ ସମୟରେ ବୈଷୟିକ ସମସ୍ୟା ଦେଖାଦେଇଥିଲା। ପରେ ଏହାର ଡିଜାଇନ୍କୁ ପରିବର୍ତ୍ତନ କରାଯିବାରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ଘଟିଥିବା କୁହାଯାଉଛି। ହାତଗଣତି କିଛି ଦିନ ପରେ ମେସୁମୀ ଧସେଇ ପଶିବ। ଏଣୁ ଅନ୍ୟୁନ ଆଉ ୪/୫ ମାସ ନିର୍ମାଣକାର୍ଯ୍ୟ ବନ୍ଦ ରହିବ। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ରାଉରକେଲାର କ୍ରୀଡ଼ା ଛାତ୍ରାବାସ ପାନପୋଷରୁ କୁଆରମୁଣ୍ଡା ଶିଳ୍ପାଞ୍ଚଳ କ୍ଲଷ୍ଟରର ଯମୁନାନାକିରେ ଜାତୀୟ ରାଜପଥ-୧୪୩କୁ ଯୋଡ଼ିବ। ଦୁଇ ସହରାଞ୍ଚଳ ରାଉରକେଲା ଓ କୁଆରମୁଣ୍ଡା ଅଞ୍ଚଳ ମଧ୍ୟରେ ଯୋଗାଯୋଗ ଉତ୍ତ ଓ ସହଜ ହେବାସହ ଦୂରତା ପ୍ରାୟ ୧୫ କିଲୋମିଟର ହ୍ରାସ ପାଇବ। ଏହାସହ ବ୍ରାହ୍ମଣୀ ବ୍ରିଜ୍ର ଟ୍ରାଫିକ ସମସ୍ୟାକୁ ଦୂର ହେବ ଓ ଯାତ୍ରୀଙ୍କ ସମୟ ବଞ୍ଚିବ। ଯଦ୍ୱାରା ସ୍ଥାନୀୟ ଚାଷୀ, ବେପାରି, ଦିନମଜୁରିଆ ବହୁମାତ୍ରାରେ ଉପକୃତ ହେବେ।

## ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ପ୍ରାକ୍-ପ୍ରସ୍ତୁତି ବୈଠକ



ଗଜପତି(ମହାଭାରତ): ସ୍ଥାନୀୟ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆସନ୍ତା ରଥ ଯାତ୍ରା ପାଳନ ଉପଲକ୍ଷେ ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ମାଧବ ନନ୍ଦ ନାୟକ, ପାରଳା ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ଓ ବରିଷ୍ଠ ନାଗରିକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ପ୍ରଥମେ ଉପ-ଜିଲ୍ଲାପାଳ ଅନୁପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି ପୂର୍ବ ବର୍ଷର ଆଦାୟ ଓ ଖର୍ଚ୍ଚ ବିଷୟରେ ବିବରଣୀ ପାଠ କରି କହିଥିଲେ। ଗତ ଥର ସମସ୍ତଙ୍କ ସହଯୋଗରେ ଅତ୍ୟନ୍ତ ସଫଳତାର ସହ ରଥ ଯାତ୍ରା ଏବଂ ଯାତ୍ରା ସହ ସମ୍ପୃକ୍ତ ଥିବା ସମସ୍ତ କମିଟି ମେମ୍ବର ମାନଙ୍କୁ ସାଧୁବାଦ ଜଣାଇଥିଲେ। ପରେ ପରେ ରଥ ନିର୍ମାଣ ଓ ମରାମତି ସମ୍ପର୍କରେ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଏଥିନିମନ୍ତେ କେଉଁ ଠାରୁ କାଠ ଆସିବ ଏବଂ କେତେ ପରିମାଣର ନୂତନ କାଠ ଆବଶ୍ୟକ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅସ୍ଥାୟୀ ଦୋକାନ ବ୍ୟବସ୍ଥା ଓ ମୀନା ବଜାର ପାଇଁ ନିରୂପଣ ଏବଂ ନିଲାମ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଯାତ୍ରାର ମୁଖ୍ୟ ବିଷୟ ବସ୍ତୁ ସୁଖିଲା ଭୋଗ ଓ ଅଭଭୋଗ ବିଷୟରେ ଆଲୋଚନା ହେବା ସହ ଏହାର ଦାୟିତ୍ୱ ଓ ଏଥିନିମନ୍ତେ କେତେ ପରିମାଣର ଖର୍ଚ୍ଚ ହେବ ସେ ବିଷୟରେ କମିଟି ସଦସ୍ୟ ଓ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଆଲୋଚନା ହୋଇ ତାର ସମ୍ପୂର୍ଣ୍ଣ ବିବରଣୀ ପ୍ରସ୍ତୁତ ହୋଇଥିଲା ।

## ଡକାୟତି ପୂର୍ବରୁ ଧରାପଡ଼ିଲେ ୫ ଦୁର୍ଦ୍ଦାନ୍ତ ଅପରାଧୀ



ରାଉରକେଲା: ନୟାବଜାର କଂଗ୍ରେସ ଭବନ ପଛରେ ବଡ଼ ଡକାୟତି ପାଇଁ ଏକାଠି ହୋଇଥିବା ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ପ୍ଲାଣ୍ଟ ସାଇଟ୍ ଥାନା ପୁଲିସ କାବୁ କରିଛି। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ପୁଲିସ ଚଢ଼ଉ କରି ସେମାନଙ୍କୁ ଗିରଫ କରିବା ସହ ୨ଟି ଖଣ୍ଡା, ଗୋଟିଏ ଭୁଜାଲି ଓ ୨ଟି ଲୁହାରଡ୍ ଜବତ କରିଛି।ଗିରଫ ଅଭିଯୁକ୍ତମାନେ ହେଲେ- ଗାନ୍ଧିରୋଡ୍ ନୂଆ ବସଷ୍ଟାଣ୍ଡ ଅଞ୍ଚଳର ସୋନୁ ସିଂ (୨୦) ଓ ବିକି ଅହମ୍ମଦ (୨୪), ରେଲଓ୍ୱେ କଲୋନି ଝୁମ୍ପୁଡ଼ିବସ୍ତିର ଦୀପକ ଷଣ୍ଢ (୨୯), ରେହ୍ମତ ନଗରର ସାହିଦ୍ ଖାନ (୧୯) ଏବଂ ରେଲଓ୍ୱେ କଲୋନି ହରିଜନବସ୍ତିର କ୍ରିଷ୍ଣା ଦାସ (୧୯)।ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାତି ପାଟ୍ରୋଲିଂ ସମୟରେ କିଛି ଯୁବକ କଂଗ୍ରେସ ଭବନ ପଛରେ ସନ୍ଦେହଜନକ ଭାବେ ଏକାଠି ହୋଇଥିବା ଖବର ପାଇ ସବ୍ଇନ୍ସପେକ୍ଟର ବିଭୂତି ଭୂଷଣ ଖଟେଇଙ୍କ ନେତୃତ୍ୱରେ ଟିମ୍ ସେଠାରେ ପହଞ୍ଚିଥିଲା।

## ପ୍ରଚଣ୍ଡ ଗ୍ରୀଷ୍ମରେ ଏମଭି-୭୯ରେ ଜଳଛତ୍ର ନାହିଁ

## ଅଚଳ ହୋଇପଡ଼ିଛି ପାନୀୟ ଜଳ ପଏଣ୍ଟ: ଲୋକେ ହନ୍ତସନ୍ତ



ମାଲକାନଗିରି(ମହାଭାରତ): ଏପ୍ରିଲ ମାସରୁ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକର ତଣ୍ଡାବାଇ ଗ୍ରାମ ପଞ୍ଚାୟତ ଅଧୀନ ଏମ୍ଭି-୭୯ ଅଞ୍ଚଳରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଜଳଛତ୍ର ଖୋଲାଯାଇ ନଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଏମ୍ଭି-୭୯ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାପ୍ତାହିକ ହାଟ ରହିଥିବା ବେଳେ ପ୍ରତିଦିନ ଶତାଧିକ ଲୋକଙ୍କ ସମାଗମ ହେଉଛି। ତେବେ ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଅନ୍ୟପଟେ ବ୍ଲକର ଅନେକ ପଞ୍ଚାୟତରେ ଦୁଇରୁ ତିନି ବର୍ଷ ତଳେ ସ୍ଥାପିତ ୱାଟର କୁଲର୍ ଓ ପାନୀୟ ଜଳ ପଏଣ୍ଟ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଥିବା ବେଳେ ତଣ୍ଡାବାଇ ପଞ୍ଚାୟତରେ ସ୍ଥାପିତ ଦୁଇଟି ପାନୀୟ ଜଳ ପଏଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ପଏଣ୍ଟଗୁଡ଼ିକ ସ୍ଥାପନା ଦିନଠାରୁ ଜଳ ବିଶୁଦ୍ଧିକରଣ ପାଇଁ ଆବଶ୍ୟକ ଆକ୍ୱାଗାର୍ଡ ବ୍ୟବସ୍ଥା ଠିକ୍ ଭାବେ କରାଯାଇ ନଥିଲା।ବିଶେଷକରି ଏମ୍ଭି-୭୯ ସାପ୍ତାହିକ ହାଟକୁ ଦୂରଦୂରାନ୍ତରୁ ଶତାଧିକ ଲୋକ ଆସୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳର କୌଣସି ବ୍ୟବସ୍ଥା ନ ଥିବା ଦୁଃଖଦ ବିଷୟ ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ସେହିପରି ସ୍ଥାନୀୟ ଚିକିତ୍ସାଳୟ ପରିସରରେ ଥିବା ପାନୀୟ ଜଳ ପଏଣ୍ଟ ମଧ୍ୟ ଅଚଳ ହୋଇପଡ଼ିଛି। ଥଣ୍ଡା ଓ ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ସେଠାରୁ କେବଳ ସାଧାରଣ ଜଳ ବାହାରୁଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଅଚଳ ପାନୀୟ ଜଳ ପଏଣ୍ଟଗୁଡ଼ିକର ମରାମତି କରିବା ସହିତ ଆବଶ୍ୟକ ହେଲେ ନୂତନ ୱାଟର କୁଲର୍ ସ୍ଥାପନ କରି ଗ୍ରୀଷ୍ମ ଦିନରେ ସାଧାରଣ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## ୧୫ବର୍ଷୀୟ ନାବାଳିକା ଗର୍ଭବତୀ: ଅଭିଯୁକ୍ତ ଗିରଫ

ଆସିକା(ମହାଭାରତ) :ଆସିକା ଥାନା ଅଧୀନ କମାଗଡ଼ ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା ଜଣେ ୧୫ ବର୍ଷୀୟ ନାବାଳିକାକୁ ଗର୍ଭବତୀ କରିବା ଘଟଣାରେ ଉକ୍ତ କମାଗଡ଼ ଗ୍ରାମର ଜଣେ ଯୁବକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛ। ପ୍ରକାଶ ଥାଉକି ଆସିକା ଥାନା ଅଧୀନ କମାଗଡ଼ ଗ୍ରାମର ଚନ୍ଦନ ନାୟକ(୨୦) ନାମକ ଜଣେ ଯୁବକ ପାଞ୍ଚ ମାସ ତଳେ ସମ୍ପୃକ୍ତ ନାବାଳିକାକୁ ତାଙ୍କ ଘରେ କେହି ନଥିବାର ସୁଯୋଗ ପାଇ ଜୋରଜବରଦସ୍ତ ଘରେ ପଶି ବଳାତ୍କାର କରିବା ପରେ ଉକ୍ତ ନାବାଳିକାକୁ ଘଟଣା ପ୍ରଘଟ ହେଲେ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲା। ନାବାଳିକା ଜଣକ ଉକ୍ତ ଘଟଣା କାହାକୁ ନକହି ଚୁପ ରହିଥିଲେ। କିଛି ଦିନ ପରେ ନାବାଳିକାର ମା ଝିଅ ଗର୍ଭବତୀ ଥିବାର ଜାଣିବାକୁ ପାଇଲେ। ସେ ଘଟଣା ସମ୍ପର୍କରେ ନିଜ ଝିଅକୁ ପଚାରିବାରୁ ନାବାଳିକା ଜଣକ ସବୁ କଥା ନିଜ ମା କୁ କହିବା ପରେ ସମ୍ପୃକ୍ତ ନାବାଳିକାର ମା ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଥାନା କେସ ନମ୍ବର ୨୨୬/୨୬ରେ ମାମଲା ରୁଜୁ କରି ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଥାନା ମହିଳା ଶିଶୁ ଡେସ୍କ ଅଧିକାରୀ ଆଲିସ୍ମିତା ଜେନା ଘଟଣାର ତଦନ୍ତ କାରି ଅଧିକାରୀ ଭାବେ ତଦନ୍ତ କରି ଚନ୍ଦନ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଚନ୍ଦନ କୁ ଜେଲ ପଠାଯାଇଛି। ଅନ୍ୟପଟେ ସକ୍ରୁକ୍ତ ନାବାଳିକା କୁ ବାଳାଶ୍ରମକୁ ପଠାଇ ଦିଆଯାଇଛି।

# ଆମ୍ବ ମେଳା,ଗାଁ ଆମ୍ବ ପସରା -୨୦୨୬ ଉଦ୍ଘାଟିତ



ଗଜପତ(ମହାଭାରତ): ଆଜି ପାରଳାଖେମୁଣ୍ଡି ସହର ନିକଟସ୍ଥ ଗୁଣ୍ଡିଚା ବାଡ଼ି ଠାରେ ଜିଲ୍ଲାସ୍ତରୀୟ ଆମ୍ବ ମେଳା,ଗାଁ ଆମ୍ବ ପସରା -୨୦୨୬ ଶୁଭ ଉଦଘାଟନ ହୋଇଯାଇଛି। ଉକ୍ତ ମେଳାକୁ ପାରଳାଖେମୁଣ୍ଡି ମାନ୍ୟବର ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଜି.ତିରୁପତି ରାଓ ,ପାରଳା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ,ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା ,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଡିପିଏମ୍ ଓଏଲ୍ଏମ୍ ଟିମନ୍ ବାରା ଓ ଡେପୁଟି ସିଇଓ ଓରର୍ମାସ୍ ଶ୍ରୀ ଆଶିଷ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ପକ୍ଷରୁ ଆୟୋଜିତ ମେଳାରେ ଗଜପତି ଜିଲ୍ଲାର ପ୍ରାକୃତିକ ଭାବରେ ଚାଷ ହେଉଥିବା ବିଭିନ୍ନ ପ୍ରକାରର ଆମ୍ବକୁ ଜନସାଧାରଣ ଲୋକଙ୍କ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜନ କରାଯାଉଛ। ଏହି ପ୍ରଦର୍ଶନୀ ସହ ବିକ୍ରୟ ଆଉଟଲେଟ୍ ଆମ୍ବ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି କାର୍ଯ୍ୟକଳାପରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ, ପ୍ରୋତ୍ସାହନ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ପ୍ରଦାନ ହୋଇପାରିବୟ ଗଜପତିର ଆମ୍ବ ଏହାର ସମୃଦ୍ଧ ସ୍ୱାଦ, ଜୈବିକ ପ୍ରକୃତି ଆମ୍ବ ଲେଙ୍ଗେଡା, ଦସେରି ,ଲାଲସୁନ୍ଦରୀ, ଆମ୍ରପଲ୍ଲୀ, ହାତିମୁଣ୍ଡା, ଆଖୁରସ ଏବଂ ବାଇଗଣପଲ୍ଲୀ ଭଳି ବିଭିନ୍ନ ପ୍ରକାରର ଦେଶୀ କିସମର ଉପଲବ୍ଧତା ଯୋଗୁଁ ଗ୍ରାହକଙ୍କ ସ୍ୱାଦ କଳିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମଇ ୨୦୨୬ ରୁ ୨ ଜୁନ ୨୦୨୬ ପର୍ଯ୍ୟନ୍ତ ପାଞ୍ଚଦିନ ଧରି ଗୁଣ୍ଡିଚା ବାଡିରେ ଆମ୍ବ ମେଳା ଆୟୋଜନ ହେଉଛି। ଏହି ମେଳାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ବିଭାଗୀୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ବିବାହ ପ୍ରସ୍ତାବକୁ ମନା କଲା ଭାଉଜ, ପ୍ରତିଶୋଧ ନେବାକୁ ପୁତୁରାକୁ ମାରିଲା ଯୁବକ

ଫିରୋଜବାଦ : ଉତ୍ତରପ୍ରଦେଶ ଫିରୋଜବାଦ ଜିଲ୍ଲା ଶିକୋହାବାଦରେ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି । ଏଠାରେ ଯାଦବ କଲୋନୀରେ ଜଣେ ଯୁବକ ନିଜ ଦେଢ ବର୍ଷୀୟ ସଂପର୍କୀୟ ପୁତୁରାକୁ ରାସ୍ତା କଚାଡି ହତ୍ୟା କରିଛି । ଯାହାର ଭିଡିଓ ସିସିଟିଭିରେ କଏଦ ହୋଇଛି । ଫରେନ୍ସିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି ।

ଖବର ମୁତାବକ, ଫିରୋଜବାଦ ଶିକୋହାବାଦ ଯାଦବ କଲୋନୀରେ ଜଣେ ଯୁବକ ସଂପର୍କୀୟ ଭାଉଜକୁ ବିବାହ ପ୍ରସ୍ତାବ ଦେଇଥିଲେ । ଭାଉଜ ପ୍ରସ୍ତାବରେ ରାଜି ନ ହେବାରୁ ନିରାଶ ହୋଇ ଦେଢ ବର୍ଷର ପୁଅକୁ ରାସ୍ତାରେ ଥରେ ନୁହେଁ ୮ ଥର କଚାଡି ହତ୍ୟା କରିଛି । ଏହାର ଫୁଟେଜ ସିସିଟିଭିରେ କଏଦ ହୋଇଛି । ଫରେନ୍ସିକ ଟିମ ଏବଂ ପୋଲିସ ଅଧିକାରୀ ଫୁଟେଜ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି । ଏଭଳି ଘଟଣା ଶନିବାରରେ ଘଟିଛି । ପୀଡିତ ମହିଳା ଜଣକ ନିଜ ମାଙ୍କ ସହିତ ସ୍ୱାମୀ ଉପରେ କେସ୍ କରିବା ମାମଲାରେ ଆଇନଗତ ରାୟ ନେବାକୁ ଶିକୋହାବାଦ ଆସିଥିଲେ । ତେବେ ସନ୍ଧ୍ୟା ହେବା କାରଣରୁ ଓକିଲ ସହିତ ଦେଖା ହୋଇପାରିନଥିଲା । ତେଣୁ ସେ ଯାଦବ କଲୋନୀ ସ୍ଥିତ ନିଜ ମାଙ୍କ ସାଙ୍ଗ ଘରେ ରହିଥିଲେ । ଏହି ସମୟରେ ଅଭିଯୁକ୍ତ ଜଣକ ମୋବାଇଲ ଲୋକେସନ ଟ୍ରାକ କରି ସେଠାରେ ପହଞ୍ଚିଥିଲେ । ମହିଳା ଜଣକ ନିଜ ସ୍ୱାମୀକୁ ଛାଡପତ୍ର ଦେଇ ଯୁବକଙ୍କୁ ବିବାହ କରିବା ପାଇଁ ନିଜେ ଯୁବକ ଚାପ ପକାଇଥିଲେ । ଏହାକୁ ମହିଳା ଜଣକ ମନା କରିବା ପରେ ଦେଢ ବର୍ଷର ପୁଅକୁ ଘର ବାହାରକୁ ନେଇ ଶୂନଶାନ ସଡ଼କରେ କଚାଡି ମାରିଥିଲା । ଏହି ଘଟଣାରେ ଫୁଟେଜ ସିସିଟିଭିରେ କଏଦ ହୋଇଛି । ସିସିଟିଭିରେ ଦେଖିବାକୁ ମିଳିଛି କି, ଯୁବକ ଜଣକ ଦେଢବର୍ଷର ଛୁଆକୁ ରାସ୍ତାରେ କପଡା ପିଟିବା ଭଳି ପିଟି ପିଟି ହତ୍ୟା କରିବା ପରେ ଘର ବାହାରେ ମୃତଦେହ ଛାଡି ଫେରାର ହୋଇଯାଇଥିଲା । ପୋଲିସକୁ ସୂଚନା ମିଳିବା ପରେ ଘଟଣା ସ୍ଥଳରେ ପହଞ୍ଚି ଫାୟାରିଂ କରି ଧରିଛି ।

## ପୋଲିସ ଏନ୍‌କାଉଣ୍ଟର୍‌ରେ ଅଭିଯୁକ୍ତ ନିହତ, ବାପାଙ୍କ ସହ ୩ ଗିରଫ



ଗାଜିଆବାଦ: ୧୭ ବର୍ଷୀୟ ସୂର୍ଯ୍ୟ ଚୌହାନଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଶନିବାର ବିଳମ୍ବିତ ରାତିରେ ଗାଜିଆବାଦ ପୁଲିସ ସହ ଏନକାଉଣ୍ଟରରେ ନିହତ ହୋଇଛି। ପୁଲିସ କହିବା ଅନୁସାରେ, ଅସଦ ନାମକ ଅଭିଯୁକ୍ତ ବକ୍ରିଦ୍ ଦିନ ସୂର୍ଯ୍ୟ ଚୌହାନଙ୍କୁ ହତ୍ୟା କରି ଫେରାର ହୋଇ ଯାଇଥିଲା। ଏହି ମାମଲାରେ ଅସଦର ବାପାଙ୍କ ସହ ତିନିଜଣଙ୍କୁ ଗିରଫ କରାଯାଇଛି। ଅସଦକୁ ଧରାଇ ଦେବା ପାଇଁ ତା’ ମୁଣ୍ଡ ଉପରେ ପୁଲିସ ୫୦,୦୦୦ ଟଙ୍କର ପୁରସ୍କାର ଘୋଷଣା କରିଥିଲା। ଗୁପ୍ତ ସୂଚନା ଆଧାରରେ ଗାଜିଆବାଦ ପୁଲିସ ଜାଣିବାକୁ ପାଇଲା ଯେ ଅସଦ ସହର ଛାଡିବା ପୂର୍ବରୁ ଜଣେ ବନ୍ଧୁଙ୍କଠାରୁ ଟଙ୍କା ସଂଗ୍ରହ କରିବାକୁ ଖୋଡ଼ା ଯିବାକୁ ଯୋଜନା କରୁଛି। ଏକ ପୁଲିସ ଟିମ୍ ଏହି ଅଞ୍ଚଳରେ ଜାଲ ବିଛାଇ ସନ୍ଦିଗ୍ଧ ମାର୍ଗ ଉପରେ ନଜର ରଖିଥିଲେ। ଅସଦ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ଏକ ମୋଟରସାଇକେଲରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଥିଲା। ଯେତେବେଳେ ପୁଲିସ କର୍ମଚାରୀମାନେ ଦୁହିଁଙ୍କୁ ଅଟକାଇବାକୁ ଚେଷ୍ଟା କଲେ, ସେତେବେଳେ ଅସଦ ଦଳ ଉପରକୁ ଗୁଳି ଚଳାଇଥିଲା। ପୁଲିସ ପାଲଟା ଗୁଳି ଚଳାଇବାରୁ ଅସଦ ଦେହରେ ବାଜିଥିଲା। ତାକୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗୁଳିବିନିମୟରେ ଜଣେ ପୁଲିସ କନେଷ୍ଟବଳ ମଧ୍ୟ ଆହତ ହୋଇଛନ୍ତି। କନେଷ୍ଟବଳଙ୍କ ଅବସ୍ଥା ସ୍ଥିର ରହିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଅଭିଯୁକ୍ତମାନେ ବ୍ୟବହାର କରିଥିବା ମୋଟରସାଇକେଲ ଓ ଆକ୍ରମଣରେ ବ୍ୟବହୃତ ଦେଶୀ ପିସ୍ତଲ ମଧ୍ୟ ପୁଲିସ ଜବତ କରିଛି। ତେବେ ଅସଦ ସହ ଥିବା ଦ୍ୱିତୀୟ ବ୍ୟକ୍ତି ଘଟଣାସ୍ଥଳରୁ ପଳାଇ ଯିବାରେ ସଫଳ ହୋଇଥିଲା ଏବଂ ତାକୁ ଖୋଜିବା ଓ ଗିରଫ କରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା। ପରେ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଅସଦର ମୃତ୍ୟୁ ଘଟିଛି।

## ବିଲ୍‌ଡିଂ ଭୁଶୁଡି ୪ ମୃତ, ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା

ନୂଆଦିଲ୍ଲୀ : ଦକ୍ଷିଣ ଦିଲ୍ଲୀର ସାକେତରେ ଏକ ଦୁଃଖଦ ଘଟଣା ଘଟିଛି । ବିଲ୍‌ଡିଂ ଭୁଶୁଡି ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି । ଅନେକ ଲୋକ ଏବେ ବି ଭଗ୍ନାବଶେଷ ତଳେ ଫସି ରହିଥିବା ସମ୍ଭାବନା ରହିଛି। ପ୍ରଶାସନ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଘଉଜଉ) ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏହାରି ମଧ୍ୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ଘଟଣାସ୍ଥଳରେ ପହଞ୍ଚି ପରିଦର୍ଶନ କରିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ, ମେହରୌଲି ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି। ଦକ୍ଷିଣ ଜିଲ୍ଲାର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନେତୃତ୍ୱରେ ଏକ ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ସୂଚନାନୁଯାୟୀ, ଶନିବାର ସାକେତ ମେଟ୍ରୋ ଷ୍ଟେସନ ନିକଟରେ ଏକ ତିନି ମହଲା ବିଶିଷ୍ଟ ବାଣିଜ୍ୟିକ କୋଠା ଭୁଶୁଡ଼ି ପଡ଼ିଥିଲା । ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା । ଅନ୍ୟ ୯ ଜଣଙ୍କୁ ଉଦ୍ଧାର କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ସମୀକ୍ଷା କରିଥିଲେ ଏବଂ ପ୍ରଭାବିତ ଲୋକଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ସମ୍ପୃକ୍ତ ଏଜେନ୍ସିଗୁଡ଼ିକ ସତର୍କତାର ସହ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ କରୁଛନ୍ତି ବୋଲି ଘଟଣାସ୍ଥଳ ପରିଦର୍ଶନ କରି ରେଖା ଗୁପ୍ତା କହିଛନ୍ତି । ଅନ୍ୟପଟେ ସମସ୍ତ ବେଆଇନ୍ କୋଠା ଏବଂ ଏଥିପାଇଁ ଦାୟୀ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି । ବିପଦପୂର୍ଣ୍ଣ କୋଠାଗୁଡ଼ିକର ଯାଞ୍ଚ କରିବାକୁ ଏବଂ ଆବଶ୍ୟକ ସ୍ଥଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ଦିଲ୍ଲୀ ଗୃହମନ୍ତ୍ରୀ ଆଶିଷ ସୁଦ କହିଛନ୍ତି ଯେ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ।

# ଲକ୍ଷ ଲକ୍ଷ ଶିଶୁ କ୍ଷୁଧା-ହିଂସା କବଳରେ



ନୂଆଦିଲ୍ଲୀ : ଯେତେବେଳେ ବିଶ୍ୱ ଚାପର ଏକ ସମୟର ସମ୍ମୁଖୀନ ହେଉଛି, ଦାରିଦ୍ର୍ୟ, କ୍ଷୁଧା, ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ଅସ୍ତିତ୍ୱଗତ ବିପଦ ଦେଖାଦେଇଛି। ସମସ୍ତଙ୍କ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି କେବଳ ବର୍ତ୍ତମାନକୁ ପରିଚାଳନା କରିବା ନୁହେଁ ବରଂ ଭବିଷ୍ୟତକୁ ସୁରକ୍ଷିତ କରିବା। ନୂତନ ପିଢ଼ି ହେଉଛି ଯେକୌଣସି ସମାଜ ଏବଂ ଦେଶର ଆସନ୍ତାକାଲିର ମୂଳଦୁଆ। ଯେତେବେଳେ ବିଶ୍ୱର ଲକ୍ଷ ଲକ୍ଷ ଶିଶୁ ହିଂସା, ଶୋଷଣ, ଅବହେଳା, ଅସମାନତା ଏବଂ ଅସୁରକ୍ଷାର ସମ୍ମୁଖୀନ ହେଉଛନ୍ତି ସେତେବେଳେ ଶିଶୁ ସୁରକ୍ଷା ସର୍ବୋପରି ହୋଇଯାଇଛି। ପ୍ରତିବର୍ଷ ଜୁନ୍ ୧ ତାରିଖରେ ପାଳିତ ହେଉଥିବା ଆନ୍ତର୍ଜାତୀୟ ଶିଶୁ ଦିବସ, ସମସ୍ତ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ପାଇଁ ବିଶ୍ୱକୁ ପ୍ରେରଣା ଦିଏ, ସେମାନଙ୍କୁ ସମାନ ସୁଯୋଗ, ପ୍ରେମ, ସମର୍ଥନ ପ୍ରଦାନ କରେ ଏବଂ ସ୍ମରଣ କରାଏ ଯେ, ପ୍ରତ୍ୟେକ ପିଲାଙ୍କ ଭବିଷ୍ୟତ ସ୍ୱପ୍ନରେ ପରିପୂର୍ଣ୍ଣ ଏବଂ ତାଙ୍କୁ ପ୍ରେମ, ସୁରକ୍ଷା ଏବଂ ସମାନ ସୁଯୋଗ ଆବଶ୍ୟକତା ରହିଛି ।

ଏହି ଦିନଟି ଶିଶୁଙ୍କ ପାଇଁ ଏକ ପରିବେଶ ସୃଷ୍ଟି କରିବାକୁ ପ୍ରେରଣା ଦିଏ ଯାହା ଦ୍ୱାରା ପିଲାମାନେ ଭେଦଭାବ ବିନା ବଢ଼ିପାରିବେ ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିପାରିବେ। ବର୍ତ୍ତମାନର ବିଶ୍ୱ ପରିଦୃଶ୍ୟକୁ ଦୃଷ୍ଟିରେ ରଖି, ଏହି ଦାୟିତ୍ୱ ସମସ୍ତଙ୍କ ପାଇଁ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଶିକ୍ଷୋନ୍ନତ ଦେଶଗୁଡ଼ିକରେ, ବିକାଶଶୀଳ ଦେଶଗୁଡ଼ିକ ପରି, ପିଲାମାନେ ଭେଦଭାବ, ନିର୍ଯାତନା ଏବଂ ଶୋଷଣର ଶିକାର ହେଉଛନ୍ତି । ବିଶ୍ୱବ୍ୟାପୀ ଶିଶୁ ସୁରକ୍ଷା ଅଧିକାର ଉପରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ପ୍ରତିବର୍ଷ ୫୦ କୋଟି ଶିଶୁ ହିଂସାର ଶିକାର ହୁଅନ୍ତି। ଏହା ସହିତ, ପ୍ରତିବର୍ଷ ପ୍ରାୟ ୧୫ କୋଟି ଝିଅ ଏବଂ ୭ କୋଟି ପୁଅ ଯୌନ ଶୋଷଣର ଶିକାର ହୁଅନ୍ତି। ଶୋଷଣର ଅଧିକାଂଶ ଘଟଣା ପରିବାର ମଧ୍ୟରେ ଘଟିଥାଏ। ପ୍ରତିଦିନ, ସାରା ବିଶ୍ୱରେ ଲକ୍ଷ ଲକ୍ଷ ପିଲା ଭେଦଭାବର ଶିକାର ମଧ୍ୟ ହେଉଛନ୍ତି ।

ବିଭିନ୍ନ ଦେଶ ପକ୍ଷରୁ ଲାଗୁ ହୋଇଥିବା ବିକାଶ ଯୋଜନା ସତ୍ତ୍ୱେ ଶିଶୁଙ୍କ ଉନ୍ନତି ହେବା ପରିବର୍ତ୍ତେ ପରିସ୍ଥିତି ଆହୁରି ଖରାପ ହେଉଛି। ଖାଦ୍ୟ ସଙ୍କଟ ଉପରେ ବିଶ୍ୱ ରିପୋର୍ଟ (ଜିଆର୍?ଏଫ୍?ସି) ଅନୁଯାୟୀ, ୨୦୨୪ ମସିହାରେ ୫୩ଟି ଦେଶର ୨୯୫ ନିୟୁତରୁ ଅଧିକ ଲୋକ କ୍ଷୁଧାର ସମ୍ମୁଖୀନ ହୋଇଥିଲେ। ଏହି ସମୟରେ, ସେଭ୍ ଦି ଚିଲ୍‌ଡ୍ରେନ୍ ରିପୋର୍ଟ କରିଛି ଯେ ୨୦୨୪ ମସିହାରେ ୧୮.୨ ନିୟୁତ ଶିଶୁ କ୍ଷୁଧାରେ ରହିଥିଲେ। କୁପୋଷଣ ଏବଂ ଖାଦ୍ୟ ସୁରକ୍ଷା ପିଲାମାନଙ୍କ ବୃଦ୍ଧି, ଶିକ୍ଷଣ ଏବଂ ବଞ୍ଚିବା ଉପରେ ପ୍ରଭାବ ପକାଉଛି। ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ, ୫ ବର୍ଷରୁ କମ୍ ବୟସର ୧୫୦.୨ନିୟୁତ ପିଲାଙ୍କ ଶରୀରର ବିକାଶ ଠିକ୍ ଭାବେ ହୋଇନଥିଲା। ୪୨.୮ ନିୟୁତ ପିଲାଙ୍କ ଶରୀର ଦୁର୍ବଳ ଥିଲା ଏବଂ ୩୫.୫ ନିୟୁତ ପିଲାଙ୍କ ଶରୀର ଓଜନ ଆବଶ୍ୟକତାଠାରୁ ଅଧିକ ଥିଲା। ବିଶ୍ୱ ଉତ୍ତେଜନା ମଧ୍ୟ ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଛି। ସ୍କୁଲଗୁଡ଼ିକ ଉପରେ ବୋମା ମାଡ଼ କରାଯାଉଛି। କେତେକ ସ୍କୁଲକୁ ସାମରିକ ବାରାକରେ ପରିଣତ କରାଯାଉଛି। ଫଳରେ ଶିକ୍ଷା ବ୍ୟବସ୍ଥା ଯୁଦ୍ଧର ଶିକାର ହେବାରେ ଲାଗିଛି। ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ରହୁଥିବା ଲକ୍ଷ ଲକ୍ଷ ପିଲାଙ୍କ ପାଇଁ, ହିଂସାତ୍ମକ ସଂଘର୍ଷର ମୂଲ୍ୟ କେବଳ ଶିକ୍ଷାର କ୍ଷତି ନୁହେଁ, ବରଂ ସେମାନଙ୍କର ସୁରକ୍ଷା, ସ୍ଥିରତା ଏବଂ ଭବିଷ୍ୟତର ମଧ୍ୟ କ୍ଷତି। ଜାନୁଆରି ୨୦୨୬ର ୟୁନିସେଫ୍ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୨୩୪ ନିୟୁତରୁ ଅଧିକ ସ୍କୁଲ ବୟସର ପିଲା ସଙ୍କଟ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮୫ ନିୟୁତ ପିଲା ସ୍କୁଲ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି କିମ୍ବା କୌଣସି ଶିକ୍ଷା ପାଇ ନାହାନ୍ତି। ୟୁନିସେଫ୍ ରିପୋର୍ଟରେ ଦାବି କରିଛି ଯେ, ୨୦୨୬ ଶେଷ ସୁଦ୍ଧା ଆହୁରି ୬ ନିୟୁତ ପିଲା ସ୍କୁଲ ଛାଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

# ଇରାନ ମୋର ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ମାନି ନେଇଛି : ଟ୍ରମ୍ପ



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ସେ ଇରାନଠାରୁ ଏକ ଗ୍ୟାରେଣ୍ଟି ପାଇଛନ୍ତି ଯେ, ପରମାଣୁ ଅସ୍ତ୍ର ବିକଶିତ କରିବ ନାହିଁ। ଟ୍ରମ୍ପ ଏହାକୁ ଇରାନ ସହିତ ଚୁକ୍ତିରେ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ହୋଇଛି ବୋଲି କହିଛନ୍ତି । ତଥାପି, ଟ୍ରମ୍ପ ସ୍ପଷ୍ଟ କରିଛନ୍ତି, ଇରାନ ଏବଂ ଆମେରିକା ମଧ୍ୟରେ ଏପର୍ଯ୍ୟନ୍ତ ଏକ ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା କଠୋର ସର୍ତ୍ତ ସହିତ ଇରାନକୁ ଏକ ନୂତନ ଶାନ୍ତି ପ୍ରସ୍ତାବ ପଠାଇଛି ।

ଫକ୍ସ ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ଡୋନାଲ୍‌ଡ ଟ୍ରମ୍ପ ଇରାନ-ଆମେରିକା ବିବାଦ ଏବଂ ଆଲୋଚନା ବିଷୟରେ ସୂଚନା ଦେଇଛନ୍ତି। ଇରାନ ସହିତ ଏକ ଚୁକ୍ତିର ପ୍ରଶ୍ନରେ ଟ୍ରମ୍ପ କହିଛନ୍ତି, ମୁଁ କେବଳ ଏକ ଗ୍ୟାରେଣ୍ଟି ଚାହୁଁଛି ଯେ, ଇରାନ ପାଖରେ କୌଣସି ପରମାଣୁ ଅସ୍ତ୍ର ରହିବ ନାହିଁ। ତେହେରାନ ଏହା ଉପରେ ଆମକୁ ଆଶ୍ୱାସନା ଦେଇଛି, ଅର୍ଥାତ୍, ଇରାନ ପରମାଣୁ ବୋମା ବିକଶିତ କରିବ ନାହିଁ। ଟ୍ରମ୍ପ କହିଛନ୍ତି ଯେ ଆମେରିକା ଏବଂ ଇରାନ ଏକ ପରମାଣୁ ଚୁକ୍ତିର ନିକଟତର। ପରମାଣୁ ଅସ୍ତ୍ର ବିକାଶ ନକରିବା ପାଇଁ ଇରାନ ମାନିନେବାକୁ ଏକ ସକାରାତ୍ମକ ବାର୍ତ୍ତା ବୋଲି କହିଛନ୍ତି। ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଯଦି ଆଲୋଚନା ବିଫଳ ହୁଏ, ତେବେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ।

ଟ୍ରମ୍ପ ଚିନ୍ତା ପ୍ରକାଶ କରିଛନ୍ତି, ଇରାନ ଅନ୍ୟ ଉତ୍ସରୁ ଅସ୍ତ୍ର ପାଇପାରେ, ତେଣୁ ଆଲୋଚନାକାରୀମାନେ ଆଲୋଚନାର ପରିସରକୁ ବିସ୍ତାର କରିଛନ୍ତି। ଟ୍ରମ୍ପ ସ୍ୱୀକାର କରିଛନ୍ତି, ଆଲୋଚନା ସହଜ ହୋଇନାହିଁ କିନ୍ତୁ ପ୍ରଗତି ହେଉଛି। ଆମେରିକାର ସର୍ତ୍ତ ପୂରଣ କରୁଥିବା ଏକ ଶାନ୍ତିପୂର୍ଣ୍ଣ ଚୁକ୍ତିରେ ପହଞ୍ଚିବାକୁ ଚାହାଁନ୍ତି ବୋଲି ସେ କହିଛନ୍ତି। ସେ ସାକ୍ଷାତକାରରେ କହିଛନ୍ତି, ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ ଏକ ଦୁର୍ବଳ ସ୍ଥିତିରୁ ଆଲୋଚନାରେ ପ୍ରବେଶ କରିଛି। ଏକ ସଫଳ ଚୁକ୍ତି ତୁରନ୍ତ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବ। ହର୍ମୁଜ୍ ସମୁଦ୍ର ପଥ ବନ୍ଦ ହେବା ଦ୍ୱାରା ସାରା ବିଶ୍ୱରେ ଏହାର ପ୍ରଭାବ ପଡ଼ିଛି ଏବଂ ଆମେରିକା ଏହାକୁ ପୁନର୍ବାର ଖୋଲିବା ପାଇଁ କାମ କରୁଥିବା ସେ କହିଛନ୍ତି।

## ପ୍ରେମିକାକୁ ଭେଟିବାକୁ ଏଲଓସି ପାର୍ ବେଳେ ଯୁବକ ଗିରଫ

ଜାମ୍ମୁ-କାଶ୍ମୀର : ଜାମ୍ମୁ-କାଶ୍ମୀରର ବାରାମୁଲ୍ଲା ଜିଲ୍ଲା ସ୍ଥିତ ଉରି ସେକ୍ଟରରେ ନିୟନ୍ତ୍ରଣ ରେଖା (ଏଲଓସି) ପାର୍ ହୋଇ ଭାରତୀୟ ସୀମାରେ ପ୍ରବେଶ କରିଥିବା ଜଣେ ପିଓକେ (ପାକିସ୍ତାନ ଅଧିକୃତ କାଶ୍ମୀର)ର ଯୁବକଙ୍କୁ ସେନା ପକ୍ଷରୁ ଗିରଫ କରାଯାଇଛି । ଶନିବାର ସକାଳେ ଘଟିଥିବା ଏହି ଘଟଣା ସମ୍ପର୍କରେ ସରକାରୀ ସୂତ୍ରରୁ ସୂଚନା ମିଳିଛି । ଗିରଫ ଯୁବକ ଜଣକ ପିଓକେର ମୁଜାଫରାବାଦ ଜିଲ୍ଲା ଅନ୍ତର୍ଗତ ପାଇନକାଡି ଗ୍ରାମର ଲାଲ୍ ଦିନ ମିରଙ୍କ ୨୫ ବର୍ଷୀୟ ପୁତ୍ର ଜୀଶାନ ଅହମ୍ମଦ ମିର ବୋଲି ଚିହ୍ନଟ କରାଯାଇଛି। ଶନିବାର ସକାଳ ପ୍ରାୟ ୯:୩୦ ସମୟରେ ଜୀଶାନ ବେଆଇନ ଭାବେ ସିଲିକୋଟ ସୀମାନ୍ତ ଅଞ୍ଚଳ ଦେଇ ଭାରତୀୟ ଅଞ୍ଚଳରେ ପ୍ରବେଶ କରୁଥିବା ବେଳେ ସେଠାରେ ମୁତୟନ ଥିବା ଭାରତୀୟ ସେନାର ’’୧୨ ଗ୍ରେନେଡିୟର୍ସ’’ ୟୁନିଟର ଯବାନମାନେ ତାଙ୍କୁ କାବୁ କରିଥିଲେ । ସେନା ଓ ସୁରକ୍ଷା ସଂସ୍ଥା ପକ୍ଷରୁ କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଅନୁପ୍ରବେଶ ପଛରେ କୌଣସି ସାମରିକ ବା ଆତଙ୍କବାଦୀ ଉଦ୍ଦେଶ୍ୟ ନଥିଲା, ବରଂ ଏହା ଏକ ପ୍ରେମ ବ୍ୟାପାର ସହ ଜଡ଼ିତ । ଜୀଶାନ ଉରି ଅଞ୍ଚଳର ତିଲେଇ ଗ୍ରାମରେ ରହୁଥିବା ଅବଦୁଲ ମଜିଦ ମିରଙ୍କ କନ୍ୟା ଇରମ ବାନୋ ନାମକ ଜଣେ ମହିଳାଙ୍କୁ ଭେଟିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଏଲଓସି ପାର୍ କରିଥିଲେ। ଦୁହିଁଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ପ୍ରେମ ସମ୍ପର୍କ ଯୋଗୁଁ ହିଁ ଯୁବକ ଜଣକ ସୀମା ଡେଇଁଥିବା ଜଣାପଡ଼ିଛି । ବର୍ତ୍ତମାନ ଭାରତୀୟ ସେନା ପିଓକେ ଯୁବକ ଜୀଶାନ ଓ ସ୍ଥାନୀୟ ମହିଳା ଇରମ ଉଭୟଙ୍କୁ ନିଜ ହେପାଜତକୁ ନେଇ ପୃଥକ ଭାବେ ପଚରାଉଚରା କରୁଛି । ସୀମାନ୍ତ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ କଡ଼ାକଡ଼ି ଥିବା ସତ୍ତ୍ୱେ ଯୁବକ ଜଣକ କିଭଳି ଓ କେଉଁ ପରିସ୍ଥିତିରେ ସୀମା ପାର୍ ହେବାରେ ସଫଳ ହେଲେ ଏବଂ ଏହା ପଛରେ ଅନ୍ୟ କୌଣସି ଗୁପ୍ତଚର ସଂପୃକ୍ତି କିମ୍ବା ରଣନୈତିକ କାରଣ ରହିଛି କି ନାହିଁ, ସେ ସମସ୍ତ ଦିଗକୁ ନେଇ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ଗଭୀର ତଦନ୍ତ ଚଳାଇଛନ୍ତି । ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଥିବା ବେଳେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟକୁ ଅପେକ୍ଷା କରାଯାଇଛି ।

## ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ ଘଟଣା, ୫ ଗିରଫ

କୋଲକତା : ପଶ୍ଚିମବଙ୍ଗରେ ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ସୋନାରପୁର ସାଉଥ ଅଂଚଳରେ ନିର୍ବାଚନୀ ପରବର୍ତ୍ତୀ ହିଂସାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ ଅଭିଷେକ । ଏହି ସମୟରେ ଶହ ଶହ ଲୋକେ ସେଠାରେ ଅଭିଷେକଙ୍କ ଉପରେ ଆକ୍ରମଣ କରିଥିଲେ । ନିର୍ବାଚନ ପରବର୍ତ୍ତୀ ହିଂସାରେ ପୀଡିତ ପରିବାରକୁ ଭେଟିବାକୁ ଯାଇଥିଲେ । ଲୋକମାନେ ତାଙ୍କୁ ଆକ୍ରମଣ କରିବା ସହିତ ଅଣ୍ଡାମାଡ଼ କରିଥିଲେ । ଏହାସହିତ ଚୋର ଚୋର ବୋଲି ନାରା ଲଗାଇଥିଲେ । ଘଟଣାର ଭିଡିଓରେ ଟିଏମସି ସାଂସଦ କ୍ରିକେଟ ହେଲମେଟ୍ ପିନ୍ଧିଥିବାର ନଜର ଆସିଥିଲେ । ଭିଡିଓରେ ଅଭିଷେକ ଏବଂ ତାଙ୍କ ସହଯୋଗୀଙ୍କୁ ଅନେକ ଲୋକ ଘେରି ରହିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଭିଡ଼ ତାଙ୍କ ଡ୍ରେସ ମଧ୍ୟ ଚିରିଦେଇଥିଲେ । ଆକ୍ରମଣ ପଛରେ ବିଜେପି ଥିବା ଅଭିଷେକ ଅଭିଯୋଗ କରିଛନ୍ତି । ସେମାନେ ତାଙ୍କୁ ମାରିଦେବାକୁ ଚେଷ୍ଟା କରୁଥିଲେ ବୋଲି କହିଛନ୍ତି ଅଭିଷେକ । ମାମଲାରେ ସେ କୋର୍ଟ ଯିବେ ବୋଲି କହିଛନ୍ତି ।

# ଭାରତୀୟ ନୌସେନାର ନୂତନ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ୍



ନୂଆଦିଲ୍ଲୀ : ଭାରତୀୟ ସାମରିକ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ସ୍ୱରୂପ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ୍ ରବିବାର ଦିନ ଭାରତୀୟ ନୌସେନାର ନୂତନ ମୁଖ୍ୟ ବା ’’ଚିଫ୍ ଅଫ୍ ନେଭାଲ୍ ଷ୍ଟାଫ୍’’ ଭାବେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଅବସର ଗ୍ରହଣ କରିଥିବା ଆଡମିରାଲ୍ ଦିନେଶ ତ୍ରିପାଠୀଙ୍କ ସ୍ଥାନ ଗ୍ରହଣ କରିଛନ୍ତି। ନୌସେନା ମୁଖ୍ୟ ଭାବେ ନିଯୁକ୍ତ ହେବା ପୂର୍ବରୁ ଆଡମିରାଲ୍ ସ୍ୱାମୀନାଥନ୍ ପଶ୍ଚିମ ନେଭାଲ୍ କମାଣ୍ଡର ’’ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍’’ ଭାବେ ସେବା ପ୍ରଦାନ କରୁଥିଲେ ।

ଭାରତୀୟ ନୌସେନାର ୨୭ ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସାଉଥ୍ ବ୍ଲକ୍ ଲନରେ ତାଙ୍କୁ ଭବ୍ୟ ଏବଂ ପାରମ୍ପରିକ ’’ଗାର୍ଡ ଅଫ୍ ଅନର’’ ପ୍ରଦାନ କରାଯାଇଥିଲା, ଯେଉଁଠାରେ ତାଙ୍କ ପତ୍ନୀ ଓ ଦୁଇ କନ୍ୟା ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ମିଡିଆକୁ ଦେଇଥିବା ନିଜର ପ୍ରଥମ ସମ୍ବୋଧନରେ ନୂତନ ନୌସେନା ମୁଖ୍ୟ ଭାରତୀୟ ସେନାର ମିଳିତ ସମନ୍ୱୟ, ’’ଆତ୍ମନିର୍ଭରଶୀଳତା’’ ଓ ପ୍ରତିରକ୍ଷା ଉପକରଣର ସ୍ୱଦେଶୀକରଣ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ଏହା ତାଙ୍କ କାର୍ଯ୍ୟକାଳର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ସେ ଭାରତୀୟ ନୌସେନାର ଯବାନ ଓ ଅଧିକାରୀମାନଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ପେସାଦାର ବୋଲି ଅଭିହିତ କରି ସେମାନଙ୍କ କଲ୍ୟାଣ, ବ୍ୟକ୍ତିଗତ ଉନ୍ନତି ଓ ବୃତ୍ତିଗତ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେବେ ବୋଲି ସ୍ପଷ୍ଟ କରିଛନ୍ତି ।

ସମ୍ପ୍ରତି ଆଞ୍ଚଳିକ ସୁରକ୍ଷା ପରିବେଶକୁ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ, ଜଟିଳ ଓ ଅନିଶ୍ଚିତ ବୋଲି ବର୍ଣ୍ଣନା କରି ନୂତନ ନୌସେନା ମୁଖ୍ୟ କହିଛନ୍ତି ଯେ, ଭାରତୀୟ ନୌସେନା ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସର୍ବଦା ସତର୍କ ଅଛି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସେନାକୁ ସର୍ବୋଚ୍ଚ ସମର ପ୍ରସ୍ତୁତି ମୁଦ୍ରାରେ ରଖିବା ତାଙ୍କର ସବୁଠାରୁ ବଡ଼ ଦାୟିତ୍ୱ ହେବ। ଏହି ଅବସରରେ ସେ ପୂର୍ବତନ ସେନାମୁଖ୍ୟ ଆଡମିରାଲ୍ ଦିନେଶ ତ୍ରିପାଠୀଙ୍କ ଦେଶପ୍ରତି ଥିବା ଗୌରବମୟ ସେବା ପାଇଁ ସମଗ୍ର ନୌସେନା ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନଙ୍କ ସାମରିକ କ୍ୟାରିୟର୍ ପ୍ରାୟ ଚାରି ଦଶନ୍ଧିରୁ ଅଧିକ ସମୟର ଅଟେ। ସେ ୧୯୮୭ ମସିହା ଜୁଲାଇ ୧ ତାରିଖରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ ଏବଂ ସେ ଜଣେ ଇଲେକ୍‌ଟ୍ରୋନିକ୍ ବାରଫେୟାରର ବିଶେଷଜ୍ଞ ଅଟନ୍ତି ।

ଖଡ଼କୱାସଲା ସ୍ଥିତ ନ୍ୟାସନାଲ୍ ଡିଫେନ୍ସ ଏକାଡେମୀ ବ୍ୟତୀତ ସେ ମହାରାଷ୍ଟ୍ରର କରଞ୍ଜା ସ୍ଥିତ କଲେଜ୍ ଅଫ୍ ନେଭାଲ୍ ୱାରଫେୟାର୍, ବ୍ରିଟେନର ଯୁଗ୍ମ ସର୍ଭିସେସ୍ କମାଣ୍ଡ ଆଣ୍ଡ ଷ୍ଟାଫ୍ କଲେଜ୍ ଏବଂ ଆମେରିକାର ନେଭାଲ୍ ୱାର୍ କଲେଜରୁ ଉଚ୍ଚଶିକ୍ଷା ଲାଭ କରିଛନ୍ତି। ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ସେ ପରମ ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକ ଓ ବିଶିଷ୍ଟ ସେବା ପଦକରେ ସମ୍ମାନିତ ହୋଇଛନ୍ତି। ସେ ନିଜ କ୍ୟାରିୟରରେ ଭାରତର ବିଶାଳ ଯୁଦ୍ଧ ଜାହାଜ ଆଇଏନଏସ ବିକ୍ରମାଦିତ୍ୟର କମାଣ୍ଡିଂ ଅଫିସର ରହିବା ସହ ଗାଇଡେଡ୍ ମିସାଇଲ୍ ଧ୍ୱଂସକାରୀ ଜାହାଜ ଆଇଏନଏସ ମହିଶୂର, ଆଇଏନଏସ କୁଲିଶ୍, ଆଇଏନଏସ ବିଦ୍ୟୁତ ଏବଂ ଆଇଏନଏସ ବିନାଶ ଭଳି ପ୍ରମୁଖ ଯୁଦ୍ଧପୋତଗୁଡ଼ିକର ସଫଳ ନେତୃତ୍ୱ ନେଇଛନ୍ତି।

# ପ୍ରତିଦ୍ୱନ୍ଦ୍ୱୀଙ୍କ ଗୁଳିରେ ଜାତୀୟ ପାରା ଆଥଲେଟ୍ ଚିରାଗ ତ୍ୟାଗୀ ମୃତ

ଗାଜିଆବାଦ,୩୧।୫: ଉତ୍ତର ପ୍ରଦେଶର ଗାଜିଆବାଦ ଅଞ୍ଚଳରେ ଏକ ଅତି ସ୍ତବ୍ଧକାରୀ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ୨୫ ବର୍ଷୀୟ ଜାତୀୟ ସ୍ତରର ଉଦୀୟମାନ ପାରା ଆଥଲେଟଙ୍କୁ ତାଙ୍କର ହିଁ ଜଣେ ସହ-ପ୍ରତିଯୋଗୀ ଗୁଳି କରି ହତ୍ୟା କରିଛନ୍ତି। ଚଳିତ ଅକ୍ଟୋବର ମାସରେ ଜାପାନଠାରେ ଅନୁଷ୍ଠିତ ହେବାକୁ ଥିବା ପାରା ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବାର ମାତ୍ର କିଛି ଦିନ ପରେ ଏହି ପ୍ରତିଭାବାନ ଖେଳାଳି ଚିରାଗ ତ୍ୟାଗୀଙ୍କୁ ହତ୍ୟା କରାଯାଇଛି।ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ହତ୍ୟାକାରୀକୁ ଧରିବାରେ ସଫଳ ହୋଇଥିବା ବେଳେ ଅଧିକ ତଦନ୍ତ ପାଇଁ ପଚରାଉରା ଜାରି ରହିଛି।



ପରିବାର ସଦସ୍ୟଙ୍କ ସୂଚନା ଅନୁଯାୟୀ, ଗତ ବୁଧବାର ସକାଳେ ଚିରାଗ ନିଜ ହଷ୍ଟେଲ୍ ଅଭିମୁଖେ ବାହାରିଥିଲେ, ମାତ୍ର ଦୀର୍ଘ ସମୟ ଧରି ତାଙ୍କ ସହ କୌଣସି ଯୋଗାଯୋଗ ସମ୍ଭବ ହୋଇନଥିଲା। ଏଥିରେ ଚିନ୍ତିତ ହୋଇ ପରିବାର ପକ୍ଷରୁ ପୁଲିସ ନିକଟରେ ଏକ ନିଖୋଜ ଅଭିଯୋଗ ଦାୟର କରାଯାଇଥିଲା। ଶନିବାର ଅପରାହ୍ନରେ ଗାଜିଆବାଦର ସାଇ କୁଞ୍ଜ ଅଞ୍ଚଳରୁ ପୁଲିସ ଚିରାଗଙ୍କ ମୃତଦେହ ଉଦ୍ଧାର କରିଛି ଏବଂ ପ୍ରାଥମିକ ଯାଞ୍ଚରୁ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ଅନୁସନ୍ଧାନ କରି ଚିରାଗଙ୍କ ସହ ପ୍ରଶିକ୍ଷଣ ନେଉଥିବା ଅନ୍ୟ ଜଣେ ପାରା ଆଥଲେଟ୍ ଯଶ୍ ଖଟିକକୁ ଅଟକ ରଖି ପଚରାଉଚରା କରିବା ପରେ ଏହି ସାଘାତିକ ହତ୍ୟାକାଣ୍ଡର ରହସ୍ୟ ଖୋଲିଛି।


ପୁଲିସ ପ୍ରଶାସନ ପକ୍ଷରୁ ଡିସିପି ଧବଳ ଜୈସୱାଲ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହି ହତ୍ୟାକାଣ୍ଡ ପଛରେ ''ପ୍ରଫେସନାଲ୍ ପ୍ରତିଶୋଧ'' ବା ପୂର୍ବ ଶତ୍ରୁତା ରହିଥିଲା। ଉଭୟ ଚିରାଗ ଓ ଯଶ୍ ଆଥଲେଟିକ୍ସର ''ବ୍ଲାଇଣ୍ଡ୍'' ବା ଅନ୍ଧ ବର୍ଗରେ ପରସ୍ପର ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ପୂର୍ବରୁ ଚିରାଗ ଯଶର କେତେକ କାଗଜପତ୍ରର ସତ୍ୟାସତ୍ୟ ଯାଞ୍ଚ ପ୍ରକ୍ରିୟାକୁ ନେଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ, ଯେଉଁ କାରଣରୁ ଯଶ୍ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲା। ଏହି ଆକ୍ରୋଶ ଓ ପ୍ରତିଶୋଧ ନିଆଁରେ ଜଳି ଯଶ୍ ଚିରାଗଙ୍କୁ ଏକ ନିଛାଟିଆ ସ୍ଥାନକୁ ଆଣି ତାଙ୍କ ପଛ ପଟୁ ପିସ୍ତଲରେ ଗୁଳି କରିଥିଲା। ବର୍ତ୍ତମାନ ପୋଲିସ ଅଭିଯୁକ୍ତ ଯଶକୁ ଗିରଫ କରି ତା' ବିରୁଦ୍ଧରେ ହତ୍ୟା ମାମଲା ରୁଜୁ କରିଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଉଦ୍ଧାର କରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ, ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ସାମ୍ନାକୁ ଆସିବ ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି।

# ପିଏସଜି ଚାମ୍ପିଅନ୍ସ ଲିଗ୍ ବିଜୟ ଉତ୍ସବ ପାଳନ ବେଳେ ସଂଘର୍ଷ

## ୭ ଜଣ ପୋଲିସ ଅଧିକାରୀ ଆହତ

ନୂଆଦିଲ୍ଲୀ,୩୧।୫: ପ୍ୟାରିସ୍ ସେଣ୍ଟ-ଜର୍ମେନ୍‌ର ଚାମ୍ପିଅନ୍ସ ଲିଗ୍ ବିଜୟ ପରେ ଉତ୍ସବ ହିଂସାତ୍ମକ ହେବା ପରେ ସାରା ଫ୍ରାନ୍ସରେ ୪୦୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି ଏବଂ ସାତ ଜଣ ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ଫରାସୀ ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ବୁଦାପେଷ୍ଟରେ ଚାମ୍ପିଅନ୍ସ ଲିଗ୍ ଫାଇନାଲରେ ଅଶାନ୍ତିରେ ଛଅଟି ଗାଡ଼ି ଏବଂ ଦୁଇଟି ଦୋକାନ କ୍ଷତିଗ୍ରସ୍ତ ହୋଇଥିଲା। ସମର୍ଥକଙ୍କ ଏକ ଗୋଷ୍ଠୀ ପ୍ୟାରିସର ରିଙ୍ଗ ରୋଡରେ, ଯାହାକୁ ପେରିଫେରିକ୍ କୁହାଯାଏ, କିଛି ସମୟ ପାଇଁ ଟ୍ରାଫିକ୍ ଅବରୋଧ କରିଥିଲେ ଏବଂ ନିଆଁ ଜାଳି ଦେଇଥିଲେ।

ମ୍ୟାଚ୍ ପୂର୍ବରୁ, ଚାମ୍ପ୍ସ-ଏଲିସିସ୍ ପାର୍ଶ୍ୱରେ ଥିବା ବ୍ୟବସାୟଗୁଡ଼ିକ ଗତ ବର୍ଷ ପିଏସଜିର ଚାମ୍ପିଅନ୍ସ ଲିଗ୍ ବିଜୟ ପରେ ହୋଇଥିବା ଅଶାନ୍ତିର ପୁନରାବୃତ୍ତିକୁ ରୋକିବା ପାଇଁ ସେମାନଙ୍କ ଝରକା ଉପରକୁ ଚଢ଼ି ଆସିଥିଲେ। ଶନିବାର ରାତିର ଅଭିଯାନ ସମୟରେ ପୋଲିସ ପ୍ରାୟ ୧୦୦ଟି ଫୋଟକା ଏବଂ ଦୁଇ ଡଜନ ଫ୍ଲେୟାର ଜବତ କରିଥିଲା, ଯେତେବେଳେ ରାସ୍ତା ନିକଟରେ ଥିବା ଏକ ବସ୍ ଆଶ୍ରୟସ୍ଥଳ ଭଙ୍ଗା ଯାଇଥିଲା। ପିଏସଜି ଶନିବାର ଦିନ ପୁସ୍କାସ୍ ଆରେନାରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫାଇନାଲରେ ପେନାଲ୍ଟି ସୁଟଆଉଟରେ ଆର୍ସେନାଲକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିଥିଲା। ଆର୍ସେନାଲ ଡିଫେଣ୍ଡର ଗାବ୍ରିଏଲ୍ ମାଗାଲହାଏସ୍ ତାଙ୍କ ଦଳର ଶେଷ ପେନାଲ୍ଟି ଗୋଲପୋଷ୍ଟ ଉପରେ ମାରି ପିଏସଜିକୁ ୪-୩ ବିଜୟ ଦେଇଥିଲେ। ନିର୍ଦ୍ଧାରିତ ୯୦ ମିନିଟ୍ ଏବଂ ଅତିରିକ୍ତ ସମୟ ପରେ ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା, ଯାହା ଫଳରେ ବିଜେତା ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟଆଉଟ୍ ବାଧ୍ୟ ହୋଇଥିଲା।





ପିଏସଜିର ବିଜୟ ପରେ ପୋଲିସ ଏବଂ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ପରେ ସାରା ଦେଶରେ ୪୧୬ ଜଣଙ୍କୁ ଅଟକ ରଖାଯାଇଛି, ସେମାନଙ୍କ ମଧ୍ୟରୁ ୨୮୩ ଜଣ ପ୍ୟାରିସ୍ ବାସିନ୍ଦା।

ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ କହିଛନ୍ତି ଯେ ଅଶାନ୍ତି ସମୟରେ ସାତ ଜଣ ପୋଲିସ ଅଧିକାରୀ ଆହତ ହୋଇଛନ୍ତି ଏବଂ ହିଂସାକୁ 'ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ' ବୋଲି ବର୍ଣ୍ଣନା କରିଛନ୍ତି। ଫରାସୀ କର୍ତ୍ତୃପକ୍ଷ ମ୍ୟାଚ୍ ପାଇଁ ଦେଶବ୍ୟାପୀ ପ୍ରାୟ ୨୨,୦୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରିଥିଲେ, ଯାହା ମଧ୍ୟରୁ ୮,୦୦୦ ପ୍ୟାରିସ୍‌ରେ ଥିଲେ। ଅନେକ ମେଟ୍ରୋ ଷ୍ଟେସନ୍, ଟ୍ରାମ୍ ଲାଇନ୍ ଏବଂ ବସ୍ ରୁଟ୍ ବନ୍ଦ କରିବା ସମେତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ, ପ୍ୟାରିସ୍‌ରେ ବହୁ ସଂଖ୍ୟାରେ ଭିଡ଼ ଜମା ହୋଇଥିଲା।

ପୋଲିସ୍ ରିପୋର୍ଟ କରିଛି ଯେ ପିଏସଜିର ରୋମାଞ୍ଚକର ପେନାଲ୍ଟି ସୁଟଆଉଟ୍ ବିଜୟ ପରେ ଚାମ୍ପ୍ସ-ଏଲିସିସ୍‌ରେ ପ୍ରାୟ ୨୦,୦୦୦ ସମର୍ଥକ ଏକାଠି ହୋଇଥିଲେ। ପରବର୍ତ୍ତୀ ଥିବା ବ୍ୟବସାୟଗୁଡ଼ିକ ଗତ ବର୍ଷ ପିଏସଜିର ଚାମ୍ପିଅନ୍ସ ଲିଗ୍ ବିଜୟ ପରେ ହୋଇଥିବା ଅଶାନ୍ତିର ପୁନରାବୃତ୍ତିକୁ ରୋକିବା ପାଇଁ ସେମାନଙ୍କ ଝରକା ଉପରକୁ ଚଢ଼ି ଆସିଥିଲେ। ଶନିବାର ରାତିର ଅଭିଯାନ ସମୟରେ ପୋଲିସ ପ୍ରାୟ ୧୦୦ଟି ଫୋଟକା ଏବଂ ଦୁଇ ଡଜନ ଫ୍ଲେୟାର ଜବତ କରିଥିଲା, ଯେତେବେଳେ ରାସ୍ତା ନିକଟରେ ଥିବା ଏକ ବସ୍ ଆଶ୍ରୟସ୍ଥଳ ଭଙ୍ଗା ଯାଇଥିଲା। ପିଏସଜି ଶନିବାର ଦିନ ପୁସ୍କାସ୍ ଆରେନାରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫାଇନାଲରେ ପେନାଲ୍ଟି ସୁଟଆଉଟରେ ଆର୍ସେନାଲକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିଥିଲା। ଆର୍ସେନାଲ ଡିଫେଣ୍ଡର ଗାବ୍ରିଏଲ୍ ମାଗାଲହାଏସ୍ ତାଙ୍କ ଦଳର ଶେଷ ପେନାଲ୍ଟି ଗୋଲପୋଷ୍ଟ ଉପରେ ମାରି ପିଏସଜିକୁ ୪-୩ ବିଜୟ ଦେଇଥିଲେ। ନିର୍ଦ୍ଧାରିତ ୯୦ ମିନିଟ୍ ଏବଂ ଅତିରିକ୍ତ ସମୟ ପରେ ମ୍ୟାଚ୍ ୧-୧ରେ ଶେଷ ହୋଇଥିଲା, ଯାହା ଫଳରେ ବିଜେତା ନିର୍ଣ୍ଣୟ ପାଇଁ ପେନାଲ୍ଟି ସୁଟଆଉଟ୍ ବାଧ୍ୟ ହୋଇଥିଲା।

# ବିନେଶ ଫୋଗାଟ୍‌ଙ୍କ ଏସିଆନ୍ ଗେମ୍ସ ସ୍ୱପ୍ନ ଭାଙ୍ଗିଲା

ନୂଆଦିଲ୍ଲୀ,୩୧।୫: ଭାରତର ତାରକା ମହିଳା କୁସ୍ତିଯୋଦ୍ଧା ଭିନେଶ ଫୋଗାଟ୍‌ଙ୍କୁ ଲାଗିଛି ଏକ ବଡ଼ ଝଟ୍‌କା। ଆଗାମୀ ଏସିଆନ୍ ଗେମ୍ସ ୨୦୨୬ (ଇଗ୍ବସବଭ ଏବଙ୍କରଶ୍ବ ୨୦୨୬) ରୁ ବାଦ୍ ପଡ଼ିଛନ୍ତି ଭିନେଶ । ଦିଲ୍ଲୀରେ ଚାଲିଥିବା ଚୟନ ପ୍ରକ୍ରିୟା (ଟ୍ରାଏଲ୍ସ)ର ସେମିଫାଇନାଲ୍‌ରେ ପରାଜୟ ସହ ତାଙ୍କର ଏସିଆନ୍ ଗେମ୍ସ ଖେଳିବା ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଦୀର୍ଘ ୮ ବର୍ଷ ପରେ ଏହି ମେଗା ଇଭେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସେ ଲକ୍ଷ୍ୟ ରଖିଥିଲେ। ଏହି ବଡ଼ ବିପର୍ଯ୍ୟୟ ପରେ ଏବେ ବିନେଶଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି, ଯେଉଁଥିରେ ତାଙ୍କର କୋହଭରା ଅସନ୍ତୋଷ ସ୍ପଷ୍ଟ ବାରି ହୋଇପଡୁଛି।

ଟ୍ରାଏଲ୍ସର ୫୩ କିଲୋଗ୍ରାମ ବର୍ଗରେ ଭାଗ ନେଇଥିବା ବିନେଶଙ୍କୁ ସେମିଫାଇନାଲ୍ ମ୍ୟାଚ୍‌ରେ ଶକ୍ତ ଧକ୍କା ଲାଗିଛି। ଏକ ରୋମାଞ୍ଚକର ମୁକାବିଲାରେ ମୀନାକ୍ଷୀ ଗୋୟତଙ୍କ ହାତରୁ ସେ ୪-୬ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ଫଳରେ ଏସିଆନ୍ ଗେମ୍ସ ଟିକେଟ୍‌ରୁ ସେ ବଞ୍ଚିତ ହୋଇଛନ୍ତି।

ତେବେ ଏହି ପରାଜୟ ପରେ ନିଜ ମନର କୋହ ପ୍ରକାଶ କରି ଭିନେଶ କହିଛନ୍ତି, ମୁଁ ମ୍ୟାଚ୍ ହାରିଥାଇପାରେ, କିନ୍ତୁ ଜୀବନରେ ଫେଲ୍ ହୋଇନାହିଁ। ମୁଁ କେବଳ ମ୍ୟାଟ୍ ଉପରେ ଜଣେ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଲଢୁନଥିଲି, ବରଂ ଏକ ସମ୍ପୂର୍ଣ୍ଣ ସିଷ୍ଟମ ବିରୋଧରେ ଲଢେଇ କରୁଥିଲି। ସେଠାରେ ମୁଁ ଏକାକୀ ଛିଡ଼ା ହୋଇଥିଲି ଏବଂ ବାକି ସମସ୍ତେ ମୋ ବିପକ୍ଷରେ ଥିଲେ।



ଏହି ଟ୍ରାଏଲ୍ସ ପୂର୍ବରୁ ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫଆଇ) ସହିତ ଭିନେଶର ଟକ୍କର ଦେଖିବାକୁ ମିଳିଥିଲା। ପୂର୍ବରୁ ଗତ ୪ଟି ଆନ୍ତର୍ଜାତୀୟ ପ୍ରଦର୍ଶନକୁ ଆଧାର କରି ତାଙ୍କୁ କେବଳ ୫୦ କିଲୋଗ୍ରାମ ବର୍ଗରେ ଲଢ଼ିବାକୁ କୁହାଯାଇଥିଲା। କିନ୍ତୁ ଭିନେଶ ଏହାକୁ ବିରୋଧ କରି କୁସ୍ତି ସଂଘ ଉପରେ ପାତରଅନ୍ତରର ଅଭିଯୋଗ ଆଣିଥିଲେ। ମାମଲା ବଢ଼ିବା ପରେ ସଂଘ ସଭାପତି ସଞ୍ଜୟ ସିଂହଙ୍କ ହସ୍ତକ୍ଷେପ ଯୋଗୁଁ ଶେଷରେ ତାଙ୍କୁ ୫୩ କିଲୋଗ୍ରାମ ବର୍ଗରେ ଖେଳିବାକୁ ଅନୁମତି ମିଳିଥିଲା। ଭିନେଶ ଅଭିଯୋଗ କରିଛନ୍ତି ଯେ ତାଙ୍କୁ ପ୍ରତିଟି ପଏଣ୍ଟ ପାଇଁ ସଂଘର୍ଷ କରିବାକୁ ପଡ଼ିଛି ଏବଂ ସେ ଉଚିତ ନ୍ୟାୟ ପାଇନାହାନ୍ତି।

**ଏସିଆନ୍ ଗେମ୍ସରେ ଭିନେଶଙ୍କ ଦମଦାର ଟ୍ରାକ୍ ରେକର୍ଡ**

ବିନେଶ ଫୋଗାଟ୍ ପୂର୍ବରୁ ଏସିଆନ୍ ଗେମ୍ସରେ ଦୁଇ ଦୁଇଟି ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି:

୨୦୧୪ ଇଞ୍ଚିଅନ୍ ଗେମ୍ସ: ୪୮ କିଲୋଗ୍ରାମ ବର୍ଗରେ କାଂସ୍ୟ ପଦକ।

୨୦୧୮ ଜକାର୍ତ୍ତା ଗେମ୍ସ: ୫୦ କିଲୋଗ୍ରାମ ବର୍ଗରେ ଐତିହାସିକ ସ୍ୱର୍ଣ୍ଣ ପଦକ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଏସିଆନ୍ ଗେମ୍ସ ୨୦୨୬ର ଆୟୋଜନ ଜାପାନରେ ହେବାକୁ ଯାଉଛି। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଗା କ୍ରୀଡ଼ା ମହାକୁମ୍ଭରେ କ୍ରିକେଟ୍ ସମେତ ୪୩ଟି ଭିନ୍ନ ଭିନ୍ନ ଖେଳ ପ୍ରଦର୍ଶିତ ହେବ। କିନ୍ତୁ ଭାରତର ଏହି ଷ୍ଟାର୍ ମହିଳା ରେସଲରଙ୍କ ଅନୁପସ୍ଥିତି ପ୍ରଶଂସକଙ୍କୁ ନିଶ୍ଚିତ ଭାବେ ନିରାଶ କରିବ।

## ସିଙ୍ଗାପୁର ଓପନ୍ ଫାଇନାଲ୍‌ରେ ସାତ୍ତ୍ୱିକ-ଚିରାଗ

ସିଙ୍ଗାପୁର: ଭାରତୀୟ ବ୍ୟାଡ଼ମିଣ୍ଟନ୍ ତାରକା ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ସିଙ୍ଗାପୁର ଓପନ୍ ସୁପର ୭୫୦ ପ୍ରତିଯୋଗିତାରେ ଏକ ବହୁତ ବଡ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଶନିବାର ଏହି ଚତୁର୍ଥ ମାନ୍ୟତାପ୍ରାପ୍ତ ଭାରତୀୟ ଯୋଡି ୨୧-୧୯, ୨୧-୧୮ରେ ବିଶ୍ୱର ୧ ନଂ ଯୋଡି ଦକ୍ଷିଣ କୋରିଆର ଓନ୍ ହୁ-ସିଓ ସେଙ୍ଗ ଜାଏଙ୍କୁ ହରାଇ ବିଦାୟର ପଥ ଦେଖାଇବା ସହ ନିଜେ ଫାଇନାଲ୍‌ରେ ସ୍ଥାନ ସୁରକ୍ଷିତ କରି ନେଇଛନ୍ତି। ଏହି ସ୍ମରଣୀୟ ମ୍ୟାଚ୍ ଜିତିବାକୁ ସାତ୍ତ୍ୱିକ-ଚିରାଗ ମାତ୍ର ୫୨ ମିନିଟ୍ ସମୟ ନେଇଥିଲେ। ଉଭୟ ଏବେ ଟ୍ରଫି ବିଜୟ ପାଇଁ ଇଣ୍ଡୋନେସିଆର ଫଜର ଅଲଫିଆନ ଓ ମହମ୍ମଦ ସୋହିବୁଲ ଫିକ୍ରିଙ୍କୁ ଭେଟିବେ। ମିଶ୍ରିତ ଯୁଗଳରେ କିନ୍ତୁ ଭାରତୀୟ ଯୋଡି ଧ୍ରୁବ କପିଲା ଓ ତନୀଷା କ୍ରାଷ୍ଟୋ ବିଦାୟ ନେଇଛନ୍ତି। ସେମିଫାଇନାଲ୍‌ରେ ସେମାନେ ଜାପାନର ଯୁଚି ସିମୋଗାମୀ ଓ ସୟକା ହୋବାରାଙ୍କଠାରୁ ୧୬-୨୧, ୨୧-୧୭, ୧୩-୨୧ରେ ପରାସ୍ତ ହୋଇଛନ୍ତି।

## ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି: ଭାରତର ବିଜୟ ଜାରି

ଭୁବନେଶ୍ୱ,୩୧।୫: ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାରେ ଭାରତର ବିଜୟ ଜାରି ରହିଛି। ପୁଲ୍-ଏ'ରେ ମାଲେସିଆକୁ ୨-୧ରେ ହରାଇ



ଅଭିଯାନ ଆରମ୍ଭ କରିଥିବା ଭାରତ ରବିବାର ୩-୧ ଗୋଲ୍‌ରେ କୋରିଆକୁ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟରରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନେସିନ୍ ନାଜ୍ (୪ ମିନିଟ୍) ସଫଳତାର ସହ ଗୋଲ୍‌ରେ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଶ୍ରୁତି କୁମାରୀ (୨୧ ମିନିଟ୍)ଙ୍କ ଫିଲ୍ଡ ଗୋଲ୍‌ରେ ଭାରତ ପ୍ରଥମାର୍ଦ୍ଧକୁ ୨-୦ରେ ନିଜ ପକ୍ଷରେ ରଖିଥିଲା। ତୃତୀୟ କ୍ୱାର୍ଟରରେ ଜିଓଙ୍ଗମିନ୍ ରିଉ (୪୧ ମିନିଟ୍)ଙ୍କ ଗୋଲରେ କୋରିଆ ସ୍ଥିତି ୧-୨ କରିବା ସହ ପ୍ରତ୍ୟାବର୍ତ୍ତନ ସୁଯୋଗ ସୃଷ୍ଟି କରିଥିଲା। ହେଲେ ଏହାର ଦୁଇ ମିନିଟ୍ ପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଓଡିଆ ଝିଅ କିରଣ ଏକ୍କା ଗୋଲ୍‌ରେ ପରିଣତ କରି ୩-୧ରେ ଆଗୁଆ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଭାରତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରି କୋରିଆକୁ କେଣସି ସୁଯୋଗ ନ ଦେବା ସହ ବିଜୟ ବାନା ଉଡାଇଥିଲା। ଚମତ୍କାର ପ୍ରଦର୍ଶନ କରିଥିବା କିରଣଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ମଙ୍ଗଳବାର ଭାରତ ନିଜର ତୃତୀୟ ତଥା ଶେଷ ପୁଲ୍ ମ୍ୟାଚ୍‌ରେ ସିଙ୍ଗାପୁରକୁ ଭେଟିବ।

## ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟାନସିପ ଉଦଯାପିତ

# ବାଳକ ବିଭାଗରେ ବହଳଦା ଓ ବାଳିକା ବିଭାଗରେ ସାତକୋଶିଆ ଚମ୍ପିୟାନ




ବାରିପଦା,୩୧।୫:ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଫୁଟବଲ ଏସୋସିଏସନ ଅଫ ଓଡିଶା, ଜିଲ୍ଲା ପ୍ରଶାସନ ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ମିଳିତ ସହଯୋଗରେ ଆୟୋଜିତ ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚମ୍ପିୟାନସିପ ଉଦଯାପିତ ହୋଇଯାଇଛି ଓ ବାଳକ ବିଭାଗରେ ଏନ ୱାୟ କେ, ବହଳଦା ଦଳ ଟାଇ ବ୍ରେକର ଜରିଆରେ ୩-୦ ଗୋଲରେ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା ଓ ପୂର୍ବରୁ ବାଳିକା ବିଭାଗରେ ସାତକୋଶିଆ, ଚଢେଇଗାଁ ଦଳ ୯-୦ ଗୋଲରେ ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଉଭୟ ବିଭାଗର ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପ୍ରସନ୍ନଜିତ ମହାନ୍ତି, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ବିଜୟ କୁମାର ଦାସ (ମଣ୍ଟୁ ଦା) ଓ ମନୋରଞ୍ଜନ ଜୀଉ ଉପସ୍ଥିତ ଥିଲେ ଓ ପ୍ରକାଶ ଥାଉକି ଏହି ଚମ୍ପିୟାନସିପ ମାଧ୍ୟମରେ ଉଭୟ ବିଭାଗରୁ ମୟୁରଭଞ୍ଜ ଜିଲ୍ଲା ପାଇଁ ୨୦ ଜଣିଆ ଦଳ ଚୟନ କରାଯାଇଛି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଏବଂ ଉଭୟ ଦଳ ସୁନ୍ଦରଗଡ଼ ଠାରେ ଜୁନ ମାସ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ଚାମ୍ପିୟାନସିପରେ ଅଂଶଗ୍ରହଣ କରିବେ ।

## ନରୱେ ଚେସ୍: ପ୍ରଜ୍ଞାନନ୍ଦଙ୍କୁ ହରାଇଲେ ଗୁକେଶ

# ମହିଳାରେ ଦିବ୍ୟା ଶୀର୍ଷରେ

ଓସ୍‌ଲୋ,୩୧।୫:ନରୱେ ଚେସ୍‌ର ପଞ୍ଚମ ଦିନରେ ଖେଳାଯାଇଥିବା ରାଉଣ୍ଡ୍ ୫ରେ ବିଶ୍ୱ ବିଜେତା ଭାରତୀୟ ତାରକା ଡି ଗୁକେଶ ନିଜ ଦେଶର ଆର୍ ପ୍ରଜ୍ଞାନନ୍ଦଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡରେ ପ୍ରଜ୍ଞାନନ୍ଦ ଆରମ୍ଭରୁ ମ୍ୟାଚ୍ ନିଜ ନିୟନ୍ତ୍ରଣରେ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ଗୁକେଶ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍ ଜିତି ନେଇଥିଲେ। ଏହି ବିଜୟ ସହ ଗୁକେଶ (୬.୫) ତୃତୀୟ ସ୍ଥାନକୁ ଉଠିଥିଲା ବେଳେ ପ୍ରଜ୍ଞାନନ୍ଦ ଚତୁର୍ଥରେ ରହିଛନ୍ତି।
ଅନ୍ୟ ମ୍ୟାଚ୍‌ଗୁଡିକରେ ବିଶ୍ୱର ୧ନମ୍ବର ମାଗନସ କାର୍ଲସନ୍‌ଙ୍କୁ ୱେସ୍‌ଲେ ସୋ ପରାସ୍ତ କରିଥିଲା ବେଳେ ଭିନ୍‌ସେଣ୍ଟ କିମରଙ୍କ ସହ ଡ୍ର' ରଖିଛନ୍ତି ଏହି ପ୍ରତିଯୋଗିତା ପଏଣ୍ଟ ଟେବୁଲରଶୀର୍ଷରେ ଥିବା ଅଲୀରେଜା ଫିରେଜା। ମହିଳାରେ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଦିବ୍ୟା ଦେଶମୁଖ ଏକା ଶୀର୍ଷ ସ୍ଥାନରେ ରହିଛନ୍ତି। ସେ ଝୁ ଜିନରଙ୍କୁ ପରାସ୍ତ କରିଛନ୍ତି। ବିବିସାରା ଆସାଉବାୟେଭା ଓ ଆନ୍ନା ମୁଜଚୁ୍ୟକ୍‌ଙ୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ସେହିପରି ବିଶ୍ୱ ବିଜୟିନୀ ଜୁ ୱେନ୍‌ଜୁଁ ଓ ଭାରତୀୟ ତାରକା କୁନେରୁ ହମ୍ପି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ମଧ୍ୟ ଡ୍ର'ରେ ଶେଷ ହୋଇଛି।

# ଡି ଆର କେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ବାରିପଦା,୩୧।୫: ମଧୁବନ ମିନି ଷ୍ଟାଡିୟମରେ ଡି ଆର କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ଡି ଆର କେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି ଓ ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଣ୍ଡି, ବିଶିଷ୍ଟ ଶିଳ୍ପପତି ଗିରିଶ ଚନ୍ଦ୍ର ଦାସ ଓ ଉପନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି କାଶୀ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ସମ୍ପାଦକ ସଂଜୀବ ଦ୍ୱିବେଦୀ, କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରୀଡା ସଂଗଠକ ଅମର କୁମାର ସେଠି, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ଲୋହିତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଉଦଘାଟନୀ ମ୍ୟାଚରେ ଲାଲବଜାର ୱରିୟର୍ସ ୭୪ ରନରେ ପରି ଚାଲେଞ୍ଜରକୁ ପରାସ୍ତ କରିଥିଲା ଓ ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱରିୟର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୭୯, ଦିବ୍ୟଲୋଚନ ଦାସ ୨୯ ଓ ସୁଧାକର ନାଏକ ୨୬ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୩ଟି ଏବଂ ସାମନ୍ତ ଶେଖର ପାଲ ଓ ଅନିକେତ ସିଂହ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ପରି ଚାଲେଞ୍ଜର ୧୩. ୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିପାରିଥିଲେ ଓ ଦଳ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ସର୍ବାଧିକ ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ଅଦିତ୍ୟ କୁମାର ବସା ୪ଟି, ଦୀପକ କୁମାର ୩ଟି ଓ କ୍ଷମା ସାଗର ବଳ ୨ଟି ଉଇକେଟ ଅକ୍ତିଆର କରିଥିଲେ ଓ ଦିଲ୍ଲୀପ ଦାସ ଓ ଶେଖ ଅମଜାଦ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କରିଂ ରେ ସହଯୋଗ କରିଥିଲେ ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ ଓ ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି ଓ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ସହ ଆୟୋଜକ ସତ୍ୟନାରାୟଣ ଜୀଉ ଜଣାଇଛନ୍ତି ଓ ଚମ୍ପିୟାନ ଦଳ ପାଇଁ ୧ ଲକ୍ଷ ୨୦ ହଜାର ଓ ରନର୍ସ ଅପ ଦଳ ପାଇଁ ୮୦ ହଜାର ଟଙ୍କା ପୁରସ୍କାର ରାଶି ରହିଛି ବୋଲି ମୁଖ୍ୟ ଆୟୋଜକ ଅମିତାଭ ଦାସ ଜଣାଇଛନ୍ତି ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ